
୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26. No.100 Bhubaneswar Saturday May 25, 2024 ୨୬ତମ ବର୍ଷ ସଂଖ୍ୟା-୧୦୦ ଭୁବନେଶ୍ୱର, ଶନିବାର, ମଇ ୨୫,୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26. No.100 Bhubaneswar Saturday May 25, 2024 ୨୬ତମ ବର୍ଷ ସଂଖ୍ୟା-୧୦୦ ଭୁବନେଶ୍ୱର, ଶନିବାର, ମଇ ୨୫,୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS





ମତଦାତାଙ୍କ ସଚେତନତା ଉଦ୍ଦେଶ୍ୟରେ ଡ. ସୁବଳ ମହାରଣାଙ୍କ ବାଲୁକା କଳା

# ଆଜି ତୃତୀୟ ପର୍ଯ୍ୟାୟ ମତଦାନ

## ବହୁ ହେଭିୱେଟ୍‌ଙ୍କ ହେବ ଭାଗ୍ୟ ପରୀକ୍ଷା



**ଭୁବନେଶ୍ୱର,୨୪/୫(ପିଏନ):** ଆସନ୍ତାକାଲି ଓଡ଼ିଶାରେ ଅନୁଷ୍ଠିତ ହେବ ତୃତୀୟ ପର୍ଯ୍ୟାୟ ନିର୍ବାଚନ। ଏହି ପର୍ଯ୍ୟାୟରେ ୬ ଲୋକସଭା ଓ ୪୨ ବିଧାନସଭା ଆସନରେ ମତଦାନ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଉପରେ ସୂଚନା ଦେଇଛନ୍ତି ଡିଜିପି ଅରୁଣ ଷଡଙ୍ଗୀ । ସେ କହିଛନ୍ତି, ସୁରକ୍ଷା ବ୍ୟବସ୍ଥା ପାଇଁ ମୁତୟନ ହୋଇଛନ୍ତି ମୋଟ ୩୫ ହଜାର ପୁଲିସ ମୁତୟନ ହେବେ। ୧୨୧ କଂପାନୀ ସିଏପିଏଫ୍,୧୨୧ କଂପାନୀ ଓଏସ୍ଏପି ରହିବେ। ପ୍ରତି ବିଧାନସଭା କ୍ଷେତ୍ର ଦାୟିତ୍ୱରେ ଜଣେ ଅତିରିକ୍ତ ଏସ୍‌ପି ରହିବେ। ମୋଟ ୪୩ ଏଏସ୍‌ପି,୯୫ ଡିଏସ୍‌ପି, ୨୩୮ ଇନ୍ସପେକ୍ଟର ଦାୟିତ୍ୱରେ ରହିବେ। ଏଥି ସହିତ ୨୧୬୦ ଏସ୍‌ଆଇ ଓ ଏଏସ୍‌ଆଇ, ୧୦ ହଜାର ୨୧୨ କନଷ୍ଟେବଲ, ୭ ହଜାର ହୋମଗାର୍ଡ ରହିବେ। ଅନ୍ୟପଟେ ଛତିଶଗଡ଼ରୁ ୩ଶହ କନଷ୍ଟେବଲ, ୭ଶହ ହୋମଗାର୍ଡ ମଧ୍ୟ ଆସିଛନ୍ତି। ଅନ୍ୟ ସ୍ଥାନରେ ନିର୍ବାଚନ ସରିବା ପରେ ୨୦ କଂପାନୀ ସିଏପିଏଫ୍ ମଧ୍ୟ ଆସିଛନ୍ତି।

ଡିଜିପି କହିଛନ୍ତି ଯେ ପ୍ରଥମ ଥର ପାଇଁ ୨୫ ବର୍ଷ ପରେ ମାଓବାଦୀ ଅଞ୍ଚଳରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ହୋଇଛି। ୧୨ଟି ପୁଲିସ ଜିଲ୍ଲାରେ ୧୦ ହଜାର ୫୫୧ ଟି ବୁଥ ଅଛି। ଏହା ଭିତରେ ୨୦ ପ୍ରତିଶତ ବୁଥ ସମ୍ବେଦନଶୀଳ ରହିଛି। ୩୫ ହଜାର ପୁଲିସ ଫୋର୍ସ ଏହି ନିର୍ବାଚନରେ ନିୟୋଜିତ ହେବେ। ଏହି ୧୨ ଟି ଜିଲ୍ଲାରେ ୧୨୧ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ , ୧୦୬ ପ୍ଲାଟୁନ ଓଡିଶା ଆର୍ମଡ଼ ପୁଲିସ ରହିବେ । ସମ୍ବଲପୁର, କେଉଁଝର, ଖୋର୍ଦ୍ଧା, କଟକ ପାଇଁ ୪ ଜଣ ଆଇପିଏସ ଦାୟିତ୍ୱ ରହିବେ। ବୁଥ ତଦାରଖ ପାଇଁ ୭୬୩ଟି ମୋବାଇଲ ପେଟ୍ରୋଲିଂ ପାର୍ଟି କାମ କରୁଛି । ଜିପିଏସ ଜରିଆରେ କଣ୍ଟ୍ରୋଲ ରୁମକୁ ମନିଟର କରିବ ପେଟ୍ରୋଲିଂ ପାର୍ଟି । ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜଣେ ଅତିରିକ୍ତ ଏସପି ଦାୟିତ୍ୱରେ ରହିବେ । ସମ୍ବେଦନଶୀଳ ସ୍ଥାନରେ କୁଇକ ଆକ୍ସନ ଟିମ କାମ କରିବ । ସମ୍ବେଦନଶୀଳ ବୁଥରେ ଅର୍ଦ୍ଧ ସାମରିକ ବାହିନୀ ମୁତୟନ ହୋଇଛନ୍ତି । ଆଇନ ଶୃଙ୍ଖଳା ରକ୍ଷା ଓ ନିର୍ବାଚନ ପରିଚାଳନା ପାଇଁ ୧୨ଟି ଜିଲ୍ଲା ସୀମାରେ ଥିବା ୧୭ଟି ବର୍ଡର ଚେକ ପୋଷ୍ଟରେ କଡ଼ାକଡ଼ି ଚେକିଂ ଚାଲିଛି।

# ୨୬ରେ ପ୍ରକାଶ ପାଇଁ ମାଟ୍ରିକ ଫଳ



**କଟକ,(ପିଏନ):** ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ । ୨୬ ତାରିଖ ସକାଳ ୧୦ଟା ୩୦ରେ ରେଜଲ୍ଟ ପ୍ରକାଶ ପାଇବ । ଏନେଇ ପ୍ରେସ୍‌ମିଟ କରି ସୂଚନା ଦେଇଛନ୍ତି ବୋର୍ଡ ସଭାପତି । ଚଳିତ ବର୍ଷ ପ୍ରଥମ ଥର ପାଇଁ ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରି ପାରିବେ ଛାତ୍ରଛାତ୍ରୀ।

ଆସନ୍ତା ୨୬ ତାରିଖ ସକାଳ ୧୦ଟା ୩୦ରେ ରେଜଲ୍ଟ ପ୍ରକାଶ ପାଇବ । ୧୧ଟା ୩୦ ସୁଦ୍ଧା ୱେବସାଇଟ୍‌ରେ ରେଜଲ୍ଟ ମିଳିବ । ଇଣ୍ଟରନେଟ୍ ସୁବିଧା ନ ଥିଲେ ଏସ୍‌ଏମ୍‌ଏସ୍‌ରେ ରେଜଲ୍ଟ ପାଇ ପାରିବେ ଛାତ୍ରଛାତ୍ରୀ। ଏଥିସହ ଅପରାହ୍ନ ୪ଟା ସୁଦ୍ଧା ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିହେବ ବୋଲି ସୂଚନା ଦେଇଛନ୍ତି ବୋର୍ଡ ସଭାପତି। ଛାତ୍ରଛାତ୍ରୀ www.bseodisha.ac.inରେ ଲଗ୍ ଇନ୍ କରି ରେଜଲ୍ଟ ଜାଣିପାରିବେ। ଇଣ୍ଟରନେଟ୍ ସୁବିଧା ନ ଥିଲେ ଏସ୍‌ଏମ୍‌ଏସ ଜରିଆରେ ବି ରେଜଲ୍ଟ ଜାଣିପାରିବେ ପରୀକ୍ଷାର୍ଥୀ। ଏମଏସଏସରେ ରେଜଲ୍ଟ ଜାଣିବାକୁ ମୋବାଇଲରେ OR୧୦ ପରେ ସ୍ପେସ୍ ଦେଇ ରୋଲ୍ ନମ୍ବର ଲେଖି ୫୬୭୬୭୫୦ ନମ୍ବରକୁ ପଠାଇବେ। ସେଦିନ ଅପରାହ୍ନ ୪ଟା ସୁଦ୍ଧା ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିହେବ। ପ୍ରଥମ ଥର ଡିଜିଟାଲ୍ ସାର୍ଟିଫିକେଟ ଉପଲବ୍ଧ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ଅନଲାଇନ୍ ଓ ହ୍ୱାଟ୍ସଆପ୍‌ରେ ପାଇପାରିବେ ଡିଜିଟାଲ୍ ସାର୍ଟିଫିକେଟ। ଏଥିପାଇଁ ଛାତ୍ରଛାତ୍ରୀ ମୋବାଇଲରୁ BSE/Hi ଲେଖି ୭୭୧୦୦୫୮୧୯୨ରେ ହ୍ୱାଟ୍ସଆପ୍ କରିବେ । ଏହାପରେ ଫୋନରେ ଆସୁଥିବା ଇନଷ୍ଟ୍ରକସନକୁ ଫଲୋ କରିବେ।

ଛାତ୍ରଛାତ୍ରୀ ମେ' ୨୯ରୁ ଜୁନ୍ ୧୨ତାରିଖ ମଧ୍ୟରେ ଚେକିଂ ପାଇଁ ଆବେଦନ କରି ପାରିବେ। ହାଇସ୍କୁଲ ପାଇଁ ଅନଲାଇନ୍ ମାଧ୍ୟମରେ, ମଧ୍ୟମା ଓ ଏସଓଏସ୍ ପାଇଁ ଅଫଲାଇନ୍‌ରେ ଆବେଦନ କରି ପାରିବେ। ଏଥିସହ ଛାତ୍ରଛାତ୍ରୀଙ୍କ ସନ୍ଦେହ ତ୍ରୁଟି ପାଇଁ ଆଜିଠୁ କଣ୍ଟ୍ରୋଲ ରୁମ୍ ଖୋଲୁଛି। ୮୭୬୩ ୪୪୬୨୯୨ ଓ ୯୪୩୭୨୨୮୧୮୭ ନମ୍ବରରେ ଫୋନ୍ କରି ନିଜ ପ୍ରଶ୍ନ ପଚାରି ପାରିବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ସେମାନେ କଲ୍ କରି ନିଜ ସମସ୍ୟା ସମ୍ପର୍କରେ ଜଣାଇ ପାରିବେ।

ଚଳତିବର୍ଷ ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ । ରାଜ୍ୟର ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର ମଧ୍ୟ କରାଯାଇଥିଲା ।

ଆସନ୍ତା ରବିବାର ମାଟ୍ରିକ ରେଜଲ୍ଟ ସହ ଯୁକ୍ତ ୨ ରେଜଲ୍ଟ ବି ବାହାରିବ । ୨୬ ତାରିଖ ଅପରାହ୍ନରେ ପ୍ରକାଶ ପାଇବ ଯୁକ୍ତ ୨ ରେଜଲ୍ଟ। ଏକାସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇବ ବୋଲି ସିଏଚ୍‌ଏସଇ ପକ୍ଷରୁ ସୂଚନା ମିଳିଛି। www.orissaresults.nic.inରେ ଲଗ୍ ଇନ୍ କରି ଛାତ୍ରୀଛାତ୍ର ସେମାନଙ୍କ ରେଜଲ୍ଟ ଦେଖିପାରିବେ।

# ଉତ୍ତର ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ !

**ଭୁବନେଶ୍ୱର,(ପିଏନ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଜି ସକାଳେ ଡିପ୍ରେସନ୍‌ରେ ପରିଣତ ହୋଇଛି। ଏହାର ଗତି ଉତ୍ତର-ପୂର୍ବ ଦିଗକୁ ରହିଛି। ଏହା ଅଧିକ ତୀବ୍ର ହୋଇ ୨୫ ତାରିଖ ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ୨୫ ତାରିଖ ରାତି ସୁଦ୍ଧା ବାତ୍ୟା ଭୀଷଣ ରୂପ ନେଇ ଉତ୍ତର ଦିଗକୁ ଗତି କରିବ। ଆସନ୍ତା ୨୬ ତାରିଖ ମଧ୍ୟ ରାତିରେ ବାତ୍ୟା ସାଗର ଆଇଲ୍ୟାଣ୍ଡ ଓ ଖେପୁପରା ମଝିରେ ବଂଲାଦେଶ ଏବଂ ପଶ୍ଚିମବଙ୍ଗ ସୀମା ଦେଇ



ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ସେଥିପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ବାତ୍ୟାର ପ୍ରଭାବ ସିଧାସଳଖ ଓଡିଶା ଉପରେ ପଡିବନାହିଁ। କିନ୍ତୁ ଉତ୍ତର ଓ ଉପକୂଳ ଓଡିଶାରେ କେତେକ ଜିଲ୍ଲାରେ ପ୍ରବଳର ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିବ। ମଝିରେ ମଝିରେ ଝଟକା ପବନ ଘଣ୍ଟା ପ୍ରତି ୬୦ କିମି ବେଗରେ ପବନ ବୋହିବ। ସେହିପରି ୨୬ ତାରିଖ ସକାଳଠାରୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହି ଦିନ କେନ୍ଦ୍ରାପଡା ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଘଣ୍ଟା ପ୍ରତି ୬୦ରୁ ୭୦ କିମି ବେଗରେ ପବନ ବୋହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବାତ୍ୟା ପ୍ରଭାବରେ ବର୍ଷା ନେଇ ସତର୍କ ସୂଚନା ଜାରି କରିଛନ୍ତି ଏସ୍‌ଆର୍‌ସି। ବାଂଲାଦେଶ ମୁହାଁ ବାତ୍ୟା ପ୍ରଭାବରେ ୪ ଜିଲ୍ଲାରେ ବର୍ଷା ହେବା ସହିତ ପବନ ବୋହିବାର ସମ୍ଭାବନା ରହିଛି। ସେଥିପାଇଁ ସତର୍କ ରହିବାକୁ ୪ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରାଇରଙ୍ଗପୁରରେ ନବୀନଙ୍କ ଜୋରଦାର ପ୍ରଚାର



**ରାଇରଙ୍ଗପୁର,୨୪/୫(ପିଏନ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁରରେ ନିର୍ବାଚନୀ ପ୍ରଚାର କରିଛନ୍ତି। ବିପୁଳ ଜନସମୁଦ୍ର ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦଳୀୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ ଏ ମାଟିର ଝିଅ, ମୋ ଭଉଣୀ ଦ୍ରୌପଦୀ ମୁର୍ମୁ ଆଜି ଭାରତର ମାନ୍ୟବର ରାଷ୍ଟ୍ରପତି ହୋଇପାରିଛନ୍ତି। ବିଜୁ ଜନତା ଦଳ ଏ ମାଟିର ଝିଅଙ୍କୁ ସମ୍ମାନ ଦେଇ ସମର୍ଥନ ଜଣାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ। ବିଜୁ ଜନତା ଦଳ ସରକାର ବିଜୁଳି ମାଗଣା ଦେବ। ଆପଣମାନେ ଖୁସି ତ ? ଆନନ୍ଦ ଉଲ୍ଲାସ ମଧ୍ୟରେ 'ହଁ' ଧ୍ୱନିରେ ପ୍ରକମ୍ପିତ ହେଲା ସଭାସ୍ଥଳ। ବିରୋଧୀମାନେ ମିଛ କଥା କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଆପଣମାନଙ୍କୁ କେମିତି ଲାଗୁଛି ବୋଲି ପ୍ରଶ୍ନ କରିଥିଲେ। ବି.ଏସ୍.କେ.ୱାଇ, ମିସନଶକ୍ତି, ମମତା, ଲକ୍ଷ୍ମୀ ବସ୍, କାଳିଆ, ୫ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, ମଧୁବାବୁ ପେନ୍‌ସନ ଯୋଜନା, ଚାଉଳ କାର୍ଡ, ପୁରୀ ମନ୍ଦିର କାମ ସବୁପ୍ରଶ୍ନରେ ଉଚ୍ଛ୍ୱସିତ ସ୍ୱରରେ ଲୋକେ କହିଥିଲେ ବହୁତ ଭଲ। ନବୀନ ପଟ୍ଟନାୟକ ଭଲ କି ? ପ୍ରଶ୍ନରେ ଭାବବିହ୍ୱଳ ହୋଇ ଉପସ୍ଥିତ ଜନତା ବହୁତ ଭଲ ବୋଲି କହିଥିଲେ। ଏ ସରକାର ଆପଣମାନଙ୍କ ସରକାର, ଆଦିବାସୀ ଭାଇଭଉଣୀଙ୍କ ସରକାର, ଚାଷୀଭାଇ ଓ ଯୁବପିଢ଼ିର ସରକାର ବୋଲି କାର୍ତ୍ତିକ ପାଣ୍ଡିଆନ କହିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥଳୀର ବିକାଶ ପାଇଁ ୧୩ କୋଟି ଟଙ୍କା କିଏ ଦେଇଛନ୍ତି ? ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାଁରେ ମେଡିକାଲ କଲେଜ କିଏ କରିଛନ୍ତି ? ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଦିନକୁ ଛୁଟି ଭାବରେ କିଏ ଘୋଷଣା କରିଛନ୍ତି ? ତିରିଙ୍ଗରେ ଡିଗ୍ରୀ କଲେଜ କିଏ କରିଛନ୍ତି ? ଦୁର୍ଘଟଣାପ୍ରବଣ ବାଙ୍ଗିରିପୋଷି ଘାଟି ପାଇଁ ନୂଆ ରାସ୍ତା କିଏ କରୁଛନ୍ତି ? ସବୁର ଉତ୍ତର ଉପସ୍ଥିତ ଜନତାଙ୍କ ପାଖରୁ ମିଳିଥିଲା ନବୀନ ପଟ୍ଟନାୟକ। ପାଣ୍ଡିଆନ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟରେ ସବୁଠାରୁ ଭଲ ଜାଗାରେ ଆଦିବାସୀ ଭାଇଭଉଣୀମାନେ ଅଛନ୍ତି। ସେମାନଙ୍କ କଳା, ସଂସ୍କୃତି, ପୂଜାସ୍ଥଳୀ, ଦେବସ୍ଥଳୀ ଓ ଜାଗିରାର ଉନ୍ନତି ଓ ରକ୍ଷଣାବେକ୍ଷଣ ପାଇଁ ଭାରତବର୍ଷରେ କେହି ଚିନ୍ତା କରିନଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଆଦିବାସୀମାନଙ୍କ ଉପରୁ ୫୦ ହଜାର ପୁଲିସ କେଶ୍ ରଦ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଏହା କେଉଁଠାରେ ହୋଇନାହିଁ। ଲକ୍ଷ ଲକ୍ଷ ଝିଅଙ୍କ ପାଠପଢ଼ାର ସୁବିଧା ପାଇଁ ହଜାର ହଜାର ହଷ୍ଟେଲ ଖୋଲିଛନ୍ତି ବୋଲି ପାଣ୍ଡିଆନ କହିଥିଲେ।

# ସମାଜ ଏବଂ ଦେଶକୁ ବିଭାଜନ କରିବାକୁ ଚାହୁଁଛି ଇଣ୍ଡି ମେଂଟ :ମୋଦୀ

**ପଟିଆଲା, (ପିଏନ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିନ ପଂଜାବର ପଟିଆଲା ଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିଥିଲ । ଏହି ଅବସରରେ ସେ ପଂଜାବର ଆମ ଆଦମୀ ପାର୍ଟି ସରକାର ଓ ଇଂଡି ମେଂଟର ତୁଷ୍ଟିକରଣ ରାଜନୀତି ଉପରେ ଜୋରଦାର ଆକ୍ରମଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପଞ୍ଜାବ ବିଜେପି ରାଜ୍ୟ ସଭାପତି ଶ୍ରୀ ସୁନୀଲ କୁମାର ଜାଖଡ, ପଟିଆଲା ଲୋକସଭା ପ୍ରାର୍ଥୀ ଶ୍ରୀମତୀ ପରନୀତ କୌର , ଫତେହଗଡ ସାହିବ ଲୋକସଭା ପ୍ରାର୍ଥୀ ଶ୍ରୀ ଗେଜା ରାମ ବାଲ୍ମିକି, ସାଙ୍ଗରୁର ଲୋକସଭା ପ୍ରାର୍ଥୀ ଶ୍ରୀ ଅରବିନ୍ଦ ଖାନ୍ନା, ବଠିଂଡା ଲୋକସଭା ପ୍ରାର୍ଥୀ ଶ୍ରୀମତୀ ପରମପାଲ କୌର ସିଦ୍ଧୁ ଏବଂ ଫରିଦକୋଟ ଲୋକସଭା ପ୍ରାର୍ଥୀ ଶ୍ରୀ ହଂସରାଜ ହଂସ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଭାରତୀୟ ଜନତା ପାର୍ଟିର ଜଣେ କର୍ମୀ ଭାବରେ ମୁଁ ପଞ୍ଜାବରେ ବହୁତ ସମୟ ଅତିବାହିତ କରିଛି। ପଞ୍ଜାବର ବିଲ, ଅମାର ଏବଂ ରାସ୍ତାରେ ସାଙ୍ଗମାନଙ୍କ ସହିତ ବୁଲିବାର ଆକର୍ଷଣୀୟ ସ୍ମୃତି ଆକାରରେ ହୃଦୟରେ ରହିଛି । ଦେଶରେ ପାଞ୍ଚଟି ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ଏବଂ ଜନସାଧାରଣ ପୁଣି ଥରେ "ମୋଦୀ ସରକାର" ର ମୋହର ଲଗାଇ ଦେଇଛନ୍ତି ।ପଞ୍ଜାବର ଲୋକମାନେ ଜାଣନ୍ତି ଯେ ଭୋଟ ତାକୁ ଦିଅନ୍ତୁ ଯିଏ ଏକ ବିକଶିତ ଭାରତ ଏବଂ ବିକଶିତ ପଞ୍ଜାବର ବିକାଶ ପାଇଁ ସଂକଳ୍ପବଦ୍ଧ । ୨୦୨୪ ର ନିର୍ବାଚନ ହେଉଛି ଦେଶକୁ ମଜବୁତ କରିବା ପାଇଁ ଏକ ନିର୍ବାଚନ । ଆଜି ଦେଶ ଗୋଟିଏ ପଟେ ବିଜେପି ଏବଂ ଏନଡିଏ ସରକାର ଏବଂ ଅନ୍ୟ ପଟେ ଦୁର୍ନୀତିଗ୍ରସ୍ତ ଲୋକଙ୍କ ଇଣ୍ଡି ମେଂଟ ରହିଛି । ଇଣ୍ଡି ମେଂଟ ନିକଟରେ ନା ନେତା ଅଛନ୍ତି ନା ତାଙ୍କର ଉଦ୍ଦେଶ୍ୟ ଠିକ ଅଛି । ଗୋଟିଏ ପଟେ ମୋଦି ସରକାର ଯୁଦ୍ଧ ବିମାନଠାରୁ ଆରମ୍ଭ କରି ଭାରତରେ ଏୟାରକ୍ରାଫ୍ଟ ପର୍ଯ୍ୟନ୍ତ ସବୁକିଛି ତିଆରି କରୁଛନ୍ତି, ଅନ୍ୟପଟେ ଇଣ୍ଡି ମେଂଟ ରହିଛି ଯିଏ ଲିଖିତ ଭାବେ ପରମାଣୁ ଅସ୍ତ୍ରଶସ୍ତ୍ରକୁ ସମାପ୍ତ କରିବା କଥା କହୁଛି । ଆଜି ହେଉଛି ବୁଦ୍ଧ ପୂର୍ଣ୍ଣିମା ଏବଂ ଏହି ଦିନ ଭାରତ ପରମାଣୁ ପରୀକ୍ଷଣ କରି ନିଜର ଶକ୍ତି ପରୀକ୍ଷା କରିଥିଲା । ଗୋଟିଏ ପଟେ ମୋଦୀ ସରକାର ଅଛନ୍ତି ଯେଉଁଥିରେ ଆତଙ୍କବାଦୀଙ୍କୁ ତାଙ୍କ ଘରେ ମାରିବାର ସାହସ ରଖେ ଏବଂ ଅନ୍ୟ ପଟେ ଆତଙ୍କବାଦୀଙ୍କ ଏନକାଉଂଟର ହେଲେ ଲୁହ ବାହାର କରୁଥିବା ଇଂଡି ମେଂଟ ରହିଛି ।


ଶ୍ରୀ ମୋଦୀ କହିଛନ୍ତି ଯେ ଗୋଟିଏ ପଟେ ମୋଦୀ ସରକାର ରହିଛି, ଯିଏ ଦଶ ବର୍ଷରେ ୨୫ କୋଟି ଲୋକ ମାନଙ୍କୁ ଦାରିଦ୍ର୍ୟର ସୀମାରେଖାରୁ ବାହାର କରିଛି, ଅନ୍ୟ ପଟେ ଇଂଡି ମେଂଟ ରହିଛି ଯିଏ ଜନସାଧାରଣଙ୍କ ଝାଳ ବୁହା ଅର୍ଥ ଓ ବିଲ ଆଦିର ଅଧା



ଅଂଶ ଛଡ଼ାଇ ନେବାକୁ ଚାହୁଁଛି । ଇଂଡି ମେଂଟ ଦେଶ ଓ ସମାଜକୁ ଭାଗ ଭାଗ କରିବାକୁ ଚାହୁଁଛି । କିନ୍ତୁ ମୋଦୀ ବିକଶିତ ଭାରତ ଗଠନ କରିବାକୁ ଚାହୁଁଛି । ରାଷ୍ଟ୍ର, ଆସ୍ଥା ଓ ସଂସ୍କୃତିର ରକ୍ଷା କଥା ହେଉ ବା ପଂଜାବର ବିକାଶ କଥା ହେଉ ଶିଖ ସମାଜ ସବୁବେଳେ ଆଗକୁ ବଢି କାମ କରିଛି। ପଂଜାବର ଲୋକ ମାନେ ବିଲ ଠାରୁ ଆରମ୍ଭ କରି ଉଦ୍ୟମିତା ଯାଏ ଦେଶର ବିକାଶକୁ ନେତୃତ୍ୱ ପ୍ରଦାନ କରିଛନ୍ତି । କଟ୍ଟର ଦୁର୍ନୀତିଗ୍ରସ୍ତ ମାନେ ପଂଜାବର ସ୍ଥିତିକୁ ଖରାପ କରି ଦେଇଛନ୍ତି । ଶିଳ୍ପ ଏବଂ ବ୍ୟବସାୟ ଆଦିର ପଳାୟନ ହେଉଛି ଏବଂ ଡ୍ରଗ୍ସ କାରବାରରେ ବୃଦ୍ଧି ହେଉଛି । ପଂଜାବରେ ରାଜ୍ୟ ସରକାରଙ୍କ ଶାସନ ଚାଲୁ ନାହିଁ ବରଂ ବାଲି ଖନନ ମାଫିଆ, ଡ୍ରଗ୍ ମାଫିଆ ଏବଂ ସୁଟର ଗ୍ୟାଙ୍ଗର ମନମାନୀ ଚାଲୁଛି । ସମଗ୍ର ସରକାର ରଣରେ ଚାଲିଛି ଏବଂ ସମସ୍ତ ମନ୍ତ୍ରୀ – ସନ୍ତ୍ରି ମଜା ମସ୍ତି କରୁଛନ୍ତି। ଦିଲ୍ଲୀ ଦରବାରରେ ହାଜର ହେବାରୁ କାଗଜ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମୟ ବଳୁ ନାହିଁ।

ଏଭଳି ସରକାର ପଞ୍ଜାବର ବିକାଶ କରିପାରିବ କି ? ପଞ୍ଜାବରେ ଦେଖେଇ ହେବା ପାଇଁ ଦିଲ୍ଲୀର ଦୁର୍ନୀତିଗ୍ରସ୍ତ ଦଳ ଏବଂ ଶିଖ ଦଙ୍ଗା ପାଇଁ ଦାୟୀ ଦଳ ଆମନା ସାମନା ଲଢେଇ ଲଢିବାର ନାଟକ କରୁଛନ୍ତି । କିନ୍ତୁ ବାସ୍ତବିକତା ହେଲା ଯେ ହାତ ଏବଂ ଝାଡୁ ଦୁଇଟି ଭିନ୍ନ ଦଳ କିନ୍ତୁ ଗୋଟିଏ ଦୋକାନ ଅଟନ୍ତି । ଏହି ଲୋକମାନେ ପଞ୍ଜାବରେ ନିଜ ମଧ୍ୟରେ ଲଢୁଛନ୍ତି ଏବଂ ଦିଲ୍ଲୀରେ ଏକାଠି ନାଚୁଛନ୍ତି। ଯେଉଁମାନେ ଆନ୍ନା ହଜାରେଙ୍କୁ ତାଙ୍କ ଗୁରୁ ବୋଲି ଭାବିବା ପରେ ତାଙ୍କ ସହ ବିଶ୍ୱାସଘାତକତା କରିପାରନ୍ତି ଏବଂ ଦିନକୁ ୧୦୦ ଥର ମିଛ କହିପାରନ୍ତି, ଏହିପରି ଲୋକମାନେ ପଞ୍ଜାବ ପାଇଁ କୌଣସି ଭଲ କାମ କରିପାରିବେ ନାହିଁ କିମ୍ବା ଦେଶର ପୀଢୀର ଭବିଷ୍ୟତକୁ ସୁନିଶ୍ଚିତ କରିପାରିବେ ନାହିଁ।

ଯଶସ୍ୱୀ ଶ୍ରୀ ମୋଦି କହିଛନ୍ତି ଯେ, ଇଂଡି ମେଂଟକୁ ନା ବିକାଶର ଚିନ୍ତା ଅଛି ଏବଂ ନା ଭାରତର ଐତିହ୍ୟର ଚିନ୍ତା ଅଛି । ଦେଶକୁ ସ୍ୱାଧୀନତା ମିଳିବାର ଦ୍ୱିତୀୟ ଦିନରେ ହିଁ ଅଯୋଧ୍ୟାରେ ରାମମନ୍ଦିରର ନିର୍ମାଣ ହୋଇଯିବା ଆବଶ୍ୟକ ଥିଲା, କିନ୍ତୁ କଂଗ୍ରେସ ମନ୍ଦିର ନିର୍ମାଣ କାମ ରୋକିଥିଲା । ଏବେ ଯେତେବେଳେ ମନ୍ଦିର ନିର୍ମାଣ ହୋଇଗଲା, ତେବେ ଏହି ଲୋକେ ମନ୍ଦିରକୁ ଗାଳି ଦେଉଥଛନ୍ତି । ଆଜି ସାରା ବିଶ୍ୱରୁ ଶ୍ରଦ୍ଧାଳୁ ଅଯୋଧ୍ୟା ଆସୁଛନ୍ତି ଏବଂ ସେମାନଙ୍କ ସ୍ୱାଗତ ମହର୍ଷି ବାଲ୍ମିକୀ ଏୟାରପୋର୍ଟ କରୁଛି, କିନ୍ତୁ ଇଂଡି ମେଂଟକୁ ପ୍ରତି ସେହି କଥାରେ ଘୃଣା ଆସୁଛି ଯେଉଁଥିରେ ଆମର ଆସ୍ଥାର ସମ୍ମାନ ହୋଇଥାଏ । ଇଂଡି ମେଂଟର ନେତା ଘୋର ଜାତିବାଦୀ, ପରିବାରବାଦୀ ଓ ସାଂପ୍ରଦାୟିକ ଅଟନ୍ତି । କ୍ଷମତା ପାଇଁ ଏହି ଲୋକେ କାହା ସହିତ ଧୋକା କରିପାରନ୍ତି । କଂଗ୍ରେସ କ୍ଷମତା ପାଇଁ ହିଁ ଦେଶର ଏଭଳି ବିଭାଜନ କରିଛି ଯେ, ୭୦ ବର୍ଷ ଯାଏ ଶ୍ରଦ୍ଧାଳୁଙ୍କୁ କରତାରପୁର ସାହିବର ଦର୍ଶନ ଦୂରବିକ୍ଷଣ ଯନ୍ତ୍ରରେ କରିବାକୁ ପଡିଲା । ଯେତେବେଳେ ବାଂଲାଦେଶର ସ୍ୱାଧୀନତାର ଲଢେଇ ହୋଇଥିଲା, ସେତେବଳେ ପାକିସ୍ତାନର ୯୦ ହଜାରରୁ ଅଧିକ ସୈନିକ ଭାରତର କବଜାରେ ଥିଲେ, ଯଦି ସେହି ସମୟରେ ମୋଦି ଥାନ୍ତା ତେବେ କରତାପୁର କରିଡରକୁ ନେଇ ସେହି ଯବାନଙ୍କୁ ଛାଡିଥାନ୍ତା । କଂଗ୍ରେସ ତ ଏହା କରିପାରିଲାନାହିଁ, କିନ୍ତୁ ମୁଁ ଗୁରୁଙ୍କ ସେବାରେ ମୋର ଯୋଗଦାନ ଦେବାକୁ ଉଦ୍ୟମ କରୁଛି । ଆଜି କରତାପୁର କରିଡର ସମସ୍ତଙ୍କ ସାମ୍ନାରେ ଅଛି ଏବଂ ସମସ୍ତ ଶ୍ରଦ୍ଧାଳୁ ସେଠାକୁ ସୁବିଧାରେ ଯାଇପାରୁଛନ୍ତି ।




ଭୁବନେଶ୍ୱର, ୨୦୨୪, ମଇ ୨୫

# ବ୍ରିଟିଶ ଅମଳରୁ ପୁଲିସର ବନ୍ଧୁ ସାଜିଛି ଲାଠି

**ପୁଷ୍ପମିତ୍ର ମହାପାତ୍ର**



ଆପଣଙ୍କ ସାମ୍ନାରେ ଯେତେବେଳେ ଜଣେ ଆଇନର ସୁରକ୍ଷାଦାତା ଅର୍ଥାତ୍ ପୁଲିସ ଜଣଙ୍କୁ ଦେଖନ୍ତୁ ନିଶ୍ଚିନ୍ତ ଆପଣ ତାଙ୍କ ଡାହାଣ ହାତରେ ଏକ ଲାଠି ଦେଖିବାକୁ ପାଇବେ। ଅନେକଙ୍କ ଭିତରେ ଏହି ଲାଠିକୁ ନେଇ ଉତ୍ସୁକତା, ଆଲୋଚନା ମଧ୍ୟ ହୋଇଥାଏ। ତେବେ ଅସଲ କଥା ହେଉଛି ଆଜିର ତଥାକଥିତ ହିଂସା, ଅରାଜକାରୀ ହାତରେ ଅତ୍ୟାଧୁନିକ ହତିଆର ରହୁଥିବାବେଳେ ବାସ୍ତବରେ ଏ ଲାଠିର ଉପଯୋଗିତା ସତରେ କି ବାର୍ତ୍ତାଟି ଦେଇଥାଏ ? ବ୍ରିଟିଶ ଅମଳରୁ ପୁଲିସର ବନ୍ଧୁ ସାଜିଛି ଲାଠି। ଯାହା ପାଖରେ ବନ୍ଧୁକ ନାହିଁ, ଲାଠି ଥିଲେ ବାଘର ବଳ ଆସୁଛି। ପୁଲିସ ଉପରେ ଆକ୍ରମଣ ହେଉ ଅବା ଲାଠି ଚାଳନା। ସବୁଠି ଏହି ଲାଠି ପୁଲିସ ହାତରେ ଦେଖିବାକୁ ମିଳେ। ଆଇପିଏସ ହୁଅନ୍ତୁ କିମ୍ବା କନଷ୍ଟେବଲ ସେମାନଙ୍କ ହାତରେ ଏହି ଲାଠି ଦେଖିବାକୁ ମିଳିଥାଏ। ବଡ଼ ଅଧିକାରୀଙ୍କ ହାତରେ ଛୋଟ ଲାଠି ଦେଖିବାକୁ ମିଳୁଥିବା ବେଳେ ତଳ କର୍ମଚାରୀ ତଥା ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଭିଡ଼ ନିୟନ୍ତ୍ରଣ ପାଇଁ ରହିଥିବା ପୁଲିସ କର୍ମଚାରୀଙ୍କ ହାତରେ ବଡ଼ ବଡ଼ ଲାଠି ଦେଖିବାକୁ ମିଳିଥାଏ। ବିଶେଷକରି ୧୯୩୬ ମସିହାରେ ପୁଲିସରେ ଏହି ଲାଠିର ବହୁଳ ବ୍ୟବହାର ହୋଇଥିଲା। ସେତେବେଳେ ଭାରତ ସ୍ୱାଧୀନତା ପାଇଁ ଆନ୍ଦୋଳନ କରୁଥିବା ଭାରତୀୟଙ୍କ ଉପରେ ମଧ୍ୟ ବ୍ରିଟିଶ ସେମାନଙ୍କୁ ଘଉଡେଇବା ପାଇଁ ଲାଠି ବ୍ୟବହାର କରୁଥିଲେ। ଏହି ଲାଠି ବି ସେବେଠୁ ପୁଲିସ ହାତରେ ରହିଛି। ଓଡ଼ିଶା ପୁଲିସ ବିଶେଷ କରି ଲାଠି ଆସାମ, ମେଘାଳୟରୁ ଆଣୁଥିଲା। ମୁମ୍ବାଇର ଏକ ସଂସ୍ଥା ଆସାମରୁ ବେତ ଆଣିବା ପରେ ଏହାକୁ ପ୍ରସ୍ତୁତ କରିବା ସହ ଧରିବା ପାଇଁ ହ୍ୟାଣ୍ଡେଲ ଏବଂ ଫିତା ଲଗାଇ ପଠାଉଥିଲା। ଏଥିପାଇଁ ଏହି ସଂସ୍ଥାକୁ ଓଡ଼ିଶା ପୁଲିସ ଟେଣ୍ଡର ଦେଇଥିଲା। ଓଡ଼ିଶା ପୁଲିସ ପ୍ରଥମେ ତିନି ଫୁଟ ଏବଂ ଛଅ ଇଞ୍ଚର ବଡ଼ ଲାଠିକୁ ବ୍ୟବହାର କରୁଥିଲା। କିନ୍ତୁ ଲାଠି ଚାଳନା ସମୟରେ ଏହାକୁ ବୁଲାଇବାରେ ସମସ୍ୟା ହୋଇଥିଲା। ତେଣୁ ଏଭଳି ସମସ୍ୟା ଦେଖା ଦେବାରୁ ପୁଲିସ ସର୍ଟ୍ ଲାଗିକୁ ବ୍ୟବହାର କରିଥିଲା। ଏଥିରେ ମଧ୍ୟ ପଥର ମାଡ଼ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବା ସମୟରେ ସମସ୍ୟା ହୋଇଥିଲା। ତେଣୁ ପୁଲିସରେ ମଧ୍ୟମ ଧରଣର ଲାଠିକୁ ବ୍ୟବହାର କରାଗଲା। ଏହି ଲାଠି ପଥର ମାଡ଼କୁ ପ୍ରତିହତ କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସମୟରେ ସଠିକ କାମ ଦେଉଥିଲା। ଏହି ଲାଠି ଆଗରେ ମଧ୍ୟ ଗୋଜ ପରି ରହିଥାଏ। ଏହି ଗୋଜ ଦ୍ୱାରା ବିଶୃଙ୍ଖଳାକାରୀଙ୍କୁ ଖେଞ୍ଚି ଘଉଡାଇବାରେ ସହାୟକ ହେଉଥିବାରୁ ଏହାକୁ ବ୍ୟବହାର କରାଯାଉଛି।

ଆପଣଙ୍କୁ ଏଠାରେ ଏକ ରୋଚକ କଥାଟି ଉଲ୍ଲେଖ କରୁଛୁ। ପୁଲିସ ବିଭାଗ କର୍ମଚାରୀଙ୍କ ହାତରେ ରହିଥିବା ଲାଠିଟି ହଜିଗଲେ ଏ ନେଇ ବିଧିବଦ୍ଧ ଭାବେ ଏକ ମାମଲା ରୁଜୁ ହୋଇଥାଏ। ପୁଲିସ ଚାକିରିରେ ଯୋଗଦେବା ସମୟରେ ଲାଠି ଇସ୍ୟୁ କରାଯାଇଥାଏ। ଲାଠି ଇସ୍ୟୁ କରାଯିବା ପରେ ପୁଲିସ କର୍ମଚାରୀଙ୍କ ବ୍ୟାଚ ଏବଂ ନାମ ସବୁ କିଛି ଲେଖା ହୋଇ ରହିଥାଏ। ଯଦି କାହାର ଲାଠି ଭାଙ୍ଗି ଗଲେ ସେ ସେହି ଭଙ୍ଗା ଲାଠିକୁ ଦେଖାଇ ରିଜର୍ଭରୁ ନୂଆ ଲାଠି ନେଇ ପାରିବେ। କିନ୍ତୁ ଯଦି କୌଣସି ପୁଲିସ କର୍ମଚାରୀଙ୍କ ଲାଠି ହଜିଲେ ସେମାନଙ୍କ ନାମରେ ମାମଲା ମଧ୍ୟ ରୁଜୁ ହୋଇଥାଏ। ଦ୍ୱୈତ ନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ଅନେକ ଥାନାର ଏକାଧିକ ପୁଲିସ କର୍ମଚାରୀ ଲାଠି ହଜାଇବା ନେଇ ମାମଲା ମଧ୍ୟ ରୁଜୁ ହୋଇଛି।

ସେହିପରି ମୃତ୍ୟୁ ପାଇଁ ପ୍ଲାଷ୍ଟିକ ଲାଠିର ବ୍ୟବହାର ବୃଦ୍ଧି ପାଉଛି। ବେତ ଲାଠି ପୁଲିସର ବ୍ୟବହାର ହେବା ଯୋଗୁଁ ଲୋକଙ୍କ ଅଧିକ କ୍ଷତି ଘଟୁଛି। ଦଙ୍ଗା, ବିକ୍ଷୋଭ, ରାଲି, ହରତାଳ ଏବଂ ଅନ୍ୟାନ୍ୟ ଆଇନ ଶୃଙ୍ଖଳା ପରିସ୍ଥିତିରେ ପୁଲିସ ଲାଠି ଚାଳନା କରିଥାଏ। କିନ୍ତୁ ଏହା ଦ୍ୱାରା ଅନେକ ଲୋକ ମୃତ୍ୟୁବରଣ ସହ ଆହତ ହେଉଛନ୍ତି। ଓଡ଼ିଶାରେ ଗତ ୧୦ ବର୍ଷରେ ୭୦ରୁ ଊର୍ଦ୍ଧ୍ୱ ଲୋକ ଲାଠି ଚାଳନା ଯୋଗୁଁ ପ୍ରାଣ ହରାଇଥିଲାବେଳେ ୭ଶହରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଲୋକଙ୍କୁ ପିଟିବା ପୁଲିସର ଉଦ୍ଦେଶ୍ୟ ହୋଇନଥିବା ବେଳେ ଆଇନ ଶୃଙ୍ଖଳା ଠିକ କରିବା ପାଇଁ ପୁଲିସ ଲାଠି ଚାଳନା କରେ। କିନ୍ତୁ ଏଥିରେ ଲୋକଙ୍କ କ୍ଷତି ହେଉଥିବାରୁ ପୁଲିସ ଏବେ ପ୍ଲାଷ୍ଟିକ ଲାଠି ବ୍ୟବହାର କରୁଛି। ଏଥିରେ କେହି ମୃତ୍ୟୁ ଘଟୁ ନଥିବା ବେଳେ ଅତ୍ୟଧିକ ମାଡ଼ ହେଲେ ତାହା ଭାଙ୍ଗି ଯାଉଛି। ଏହି ପ୍ଲାଷ୍ଟିକ ଲାଠି ଇଛାପୁର, ଝାଞ୍ଜିର ମଙ୍ଗଳା ନିକଟରୁ ଆସୁଛି। ଅନ୍ୟ ଏକ କାରଣ ହେଲା ବେତର ଅଭାବ ଦେଖା ଦେଉଥିବାରୁ ପ୍ଲାଷ୍ଟିକ ଲାଠିର ବ୍ୟବହାର କରାଯାଉଛି।

ଅନେକ ହୁଏତ ଜାଣିନଥିବେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡୁଥିବାବେଳେ ଆବଶ୍ୟକ ପଡ଼ିଲେ ଗୁଳି ଚାଳନା ପୂର୍ବରୁ ପ୍ରଥମେ କିନ୍ତୁ ପରିସ୍ଥିତିକୁ ନିଜ ନିୟନ୍ତ୍ରଣକୁ ଆଣିବା ପାଇଁ ଲାଠିମାଡ଼ କରାଯାଇଥାଏ। ଯେଉଁଠି ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥାଏ। ସେଠାରେ ପୁଲିସ ଲାଠି ଚାଳନା କରି ଲୋକଙ୍କ ଘଉଡାଇ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରେ। ଯଦି ଲାଠି ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣକୁ ନ ଆସେ ତେବେ ପୁଲିସ ପାଣି ମାଡ଼ ଏବଂ ଲୁହବୁହା ଗ୍ୟାସ ମାଡ଼ କରିଥାଏ। ଯଦି ସେଥିରେ କିଛି ସୁଫଳ ନ ମିଳିଲା ତେବେ ପୁଲିସ ଶେଷରେ ଗୁଳି ମାଡ଼ କରିଥାଏ। କିନ୍ତୁ ପ୍ରଥମେ ଲାଠି ମାଡ଼ ଜରୁରୀ ହୋଇଥାଏ। ଏାଠି ମାଡ଼ ନ କରାଯାଇଥିଲେ ଗୁଳି ମାଡ଼ ପାଇଁ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଏ। ତେଣୁ ଗୁଳିମାଡ଼ ପୂର୍ବରୁ ଲାଠି ମାଡ଼ ହୋଇଥାଏ।

ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ବାହିନୀକୁ ଅନେକ କଷ୍ଟକର, ଅସ୍ୱସ୍ତିକର ତଥା ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥାଏ। ବିଶେଷକରି ଦଙ୍ଗା ବା ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ, ସାମ୍ପ୍ରଦାୟିକ ଘଟଣା ଓ କିଛି ଅନିୟନ୍ତ୍ରିତ ତଥା ବିଗିଡ଼ି ଯାଉଥିବା ଆଇନ ପରିସ୍ଥିତିକୁ ବଜାୟ ରଖି ସମାଜରେ ଶାନ୍ତି ଉଦ୍ୟମ ପାଇଁ ପୋଲିସ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି ଏ କ୍ଷେତ୍ରରେ ସ୍ଥାନୀୟ ଜନସାଧାରଣଙ୍କର ଗୁରୁତ୍ୱପୂର୍ଣ୍ଣ ସହଯୋଗ ଜରୁରୀ। ପୋଲିସ ବିଭାଗ ପାଇଁ ନୈତିକ ସମର୍ଥନ ସହ ଆମ ବିଚାର ବ୍ୟବସ୍ଥାକୁ ସବୁ ପରିସ୍ଥିତିରେ ସମ୍ମାନ ଦେବା ସହ ଆଇନକୁ ନିଜ ହାତକୁ କୌଣସି ପରିସ୍ଥିତିରେ ବି ନେବା ଜଣେ ନାଗରିକର ଏକ ନିଶ୍ଚିନ୍ତ ଅକ୍ଷମଣୀୟ ଅପରାଧ। ତେଣୁ ଆମ ଦେଶର ବିଚାର ପଦ୍ଧତିକୁ ସମ୍ମାନ ଓ ସୁରକ୍ଷା ଦେବା ସହ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆମେ ପାଇଥିବା ଅଧିକାର ଓ ସ୍ୱତନ୍ତ୍ରତାର ସହାୟତାରେ ଆମେ ଆମ ନ୍ୟାୟ ପାଇପାରିବା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**କଟକ, ଦୂରଭାଷ : ୯୪୩୭୨୨୫୬୮୯**

## ଆଜିର ଅନୁଚିନ୍ତା

"ନ ଇଦଂ ମମ" (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଶିକ୍ଷା ପାଇଁ ଋଣ, ବିନା ବନ୍ଧକରେ ମିଳିପାରିବ କି ?

**ଡକ୍ଟର ତପନ କୁମାର ପାଲ**



ଆଜିର ସମୟରେ ପିଲାମାନଙ୍କ ପାଠପଢ଼ା ହେଉ ବା ଗବେଷଣା କ୍ଷେତ୍ରରେ ଉଚ୍ଚତର ଅଧ୍ୟୟନ ନିମିତ୍ତ ପ୍ରାୟତଃ ଋଣ କରିବାକୁ ଚାହିଁଥାନ୍ତି। ଭାରତର ବିଭିନ୍ନ ଜାତୀୟକରଣ, ବ୍ୟବସାୟିକ, ଗ୍ରାମୀଣ ଓ ଅନ୍ୟାନ୍ୟ ବ୍ୟାଙ୍କମାନେ ମଧ୍ୟ ନିର୍ଦ୍ଦିଷ୍ଟ ନୀତିନିୟମକୁ ବିଚାର କରି ଶିକ୍ଷା ପାଇଁ ଋଣ ପ୍ରଦାନ କରିଥାନ୍ତି। ଅନେକ ସମୟରେ ଶିକ୍ଷା ପାଇଁ ଋଣ ନେବା ସମୟରେ ବ୍ୟାଙ୍କ ପକ୍ଷରୁ ଅସହଯୋଗ ମିଳୁଥିବାର କେହି କେହି କୁହନ୍ତି। ଅନ୍ୟପଟେ ଶିକ୍ଷା ପାଇଁ ଋଣ ନେଇ ଏହା ଅନ୍ୟତ୍ର ବିନିଯୋଗ କରି ସେପରି ମଧ୍ୟ କିଛି କିଛି ଖବର ପ୍ରକାଶ ପାଇଥାଏ। ଭାରତର ବିଭିନ୍ନ ବ୍ୟାଙ୍କମାନେ ଆଜିକାଲି ବେଶ ସହଜରେ ଶିକ୍ଷା ପାଇଁ ଋଣ ପ୍ରଦାନ କରୁଛନ୍ତି। କେନ୍ଦ୍ର ସରକାର ଏକ ମଜଭୁତ ଅର୍ଥନୀତିକୁ ଗୁରୁତ୍ୱ ଦେଉଥିବାବେଳେ ପିଲାମାନଙ୍କ ଉଚ୍ଚଶିକ୍ଷା ନିମିତ୍ତ ଶିକ୍ଷାଋଣ ନେଇ ଅନେକ ଅସଙ୍ଗତିର ସମାଧାନ ସବୁ କରିଦେଇଛନ୍ତି। ଶିକ୍ଷା ପାଇଁ ଋଣ ଚାହୁଁଥିବା କଲେଜ ପଢୁଆ ପିଲାମାନେ ମଧ୍ୟ ନିଜେ ନିଜର ମୋବାଇଲ ଫୋନର ସୂଚନା ବ୍ୟବସ୍ଥା ଦ୍ୱାରା ଏ ନେଇ ଅନଲାଇନରେ ସମସ୍ତ ପ୍ରକାର ଯୋଗାଯୋଗ କରି ନିଜର ଜ୍ଞାତବ୍ୟ ତଥ୍ୟ ପାଇପାରୁଛନ୍ତି। ଭାରତର ବିଭିନ୍ନ ବ୍ୟାଙ୍କ ଶିକ୍ଷା ପାଇଁ ଋଣ ଦେଉଥିଲେ ମଧ୍ୟ ସବୁଠାରୁ ବିଶ୍ୱସନୀୟର ସହ ପ୍ରଥମେ ରହିଛି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ। ମେଧାବୀ ଓ ଗବେଷଣାରେ ରତ ଉଚ୍ଚଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷାଋଣ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କେବଳ ଅର୍ଥନୀତି ନୁହେଁ ଭାରତର ଶିକ୍ଷାନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନ ଦେଉଛି। ତେବେ ବିନା ବନ୍ଧକରେ ଶିକ୍ଷା ପାଇଁ ଋଣ ସମ୍ଭବ କିମ୍ବା ନାହିଁ ଏ ନେଇ ଛୋଟିଆ ଆଲୋଚନାଟି ରଖୁଛୁ।

ବ୍ୟାଙ୍କମାନେ ଋଣ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣତଃ ଋଣ ଦେବାବେଳେ କିଛି ବନ୍ଧକ ରଖନ୍ତି। ମାତ୍ର ଆର୍ଥିକ ଭାବେ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ କୌଣସି ବନ୍ଧକ ନ ରଖିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶନାମା ରହିଛି। ଶିକ୍ଷାଋଣରେ ଛାତ୍ରଛାତ୍ରୀଙ୍କ ସହ ତାଙ୍କ ପିତାମାତା ଓ ଅଭିଭାବକଙ୍କୁ ସହ ଆବେଦନକାରୀ ଭାବରେ ନିଆଯାଇଥାଏ। ସାଧାରଣତଃ ସାଢ଼େ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେବା ପାଇଁ କେବଳ ଗ୍ୟାରେଣ୍ଟି ଓ ତା'ଠାରୁ ଅଧିକ ଋଣ କ୍ଷେତ୍ରରେ ବନ୍ଧକ ଆବଶ୍ୟକ ହୋଇଥାଏ। ତେବେ ଆଜିକାଲି ଅନେକ ବ୍ୟାଙ୍କ ଆଇ.ଆଇ.ଟି, ଆଇ.ଆଇ.ଏମ୍ ଓ ଏନ.ଆଇ.ବି. ଭଳି ଉଚ୍ଚ ମାନ୍ୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଅଧିକ ପରିମାଣରେ ଋଣ ପାଇଁ ମଧ୍ୟ ବନ୍ଧକ ଛାଡ଼ କରୁଛନ୍ତି।

ଅନେକଙ୍କ ଭିତରେ ସୁଧ ପ୍ରସଙ୍ଗକୁ ନେଇ ଟିକିଏ ସମସ୍ୟା ରହିଥାଏ। ବାସ୍ତବ କଥା ହେଉଛି ସ୍ୱାଧୀନ ଭାବେ ସୁଧର ହାର ସ୍ଥିର କରିବା ପାଇଁ ବ୍ୟାଙ୍କ ମାନଙ୍କର ଅଧିକାର ରହିଛି। ଋଣ ପାଇଁ ମାନକ ସୁଧହାର (ବେଞ୍ଚମାର୍କ ଲେଣ୍ଡିଂ ରେଟ) ସହ ରିସ୍କ ପ୍ରିମିୟମ ମିଶାଇ ଏହି ସୁଧହାର ସ୍ଥିର କରାଯାଇଥାଏ। ଆଜି ଦିନରେ ମୁଖ୍ୟ ବ୍ୟବସାୟିକ ବ୍ୟାଙ୍କ ଗୁଡ଼ିକ ଶିକ୍ଷାଋଣ ଉପରେ ପ୍ରାୟ ୯ରୁ ୧୪ ପ୍ରତିଶତ ସୁଧ ଧାର୍ଯ୍ୟ କରୁଛନ୍ତି। ଉଚ୍ଚ ମାନ୍ୟତା ପ୍ରାପ୍ତ ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନ ତଥା ଅତ୍ୟନ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ବ୍ୟାଙ୍କମାନେ ସୁଧ କୋହଳ କରିବାର ଦେଖାଯାଏ। ସାଧାରଣତଃ ଋଣ ପରିଶୋଧ ଆରମ୍ଭ ନହେବା ପର୍ଯ୍ୟନ୍ତ ସରଳ ସୁଧ ହିସାବ କରାଯାଇଥାଏ।

ସର୍ବପ୍ରଥମେ ଜାଣନ୍ତୁ ଋଣର ପରିମାଣ କିପରି ହିସାବ କରାଯାଏ। ଶିକ୍ଷା ଋଣର ପରିମାଣ ନିରୂପଣ କରିବା ପାଇଁ ବ୍ୟାଙ୍କମାନେ ଯେଉଁସବୁ ଖର୍ଚ୍ଚ ବିଚାରକୁ ନିଅନ୍ତି,



ସେଗୁଡ଼ିକ ହେଲା ପାଠ୍ୟକ୍ରମ ପାଇଁ ଟ୍ୟୁସନ ଫିସ, ହଷ୍ଟେଲ ଫିସ, ବହି, କମ୍ପ୍ୟୁଟର ଓ ଲାବେରେଟୋରୀ ଖର୍ଚ୍ଚ ଇତ୍ୟାଦି। ବିଲଡିଂ ଫଣ୍ଡ ଜମା ବା କସନ ମନି ଆଦି କଲେଜ ଟ୍ୟୁସନ ଫିସର ଶତକଡ଼ା ଦଶ ଭାଗ ମଧ୍ୟରେ ଥିଲେ, ତାହା ମଧ୍ୟ ବିଚାରକୁ ନିଆଯାଇପାରେ। ଏହାଛଡ଼ା ବିଦେଶରେ ପଢ଼ିବାକୁ ଯାଇଥିଲେ ଯାତ୍ରା ଖର୍ଚ୍ଚ ମଧ୍ୟ ହିସାବକୁ ନିଆଯାଏ। ମୋଟ ଆକଳନ କରାଯାଇଥିବା ଖର୍ଚ୍ଚରୁ ମାର୍ଜିନ କାଟି ଋଣର ପରିମାଣ ସ୍ଥିର କରାଯାଏ। ଆଇ.ବି.ଏ. ଦ୍ୱାରା ପ୍ରସ୍ତୁତ ସ୍କିମ ଅନୁସାରେ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ ପାଇଁ ମାର୍ଜିନ ନିଆଯାଏ ନାହିଁ। ୪ଲକ୍ଷରୁ ସାଢ଼େ ୭ଲକ୍ଷ ଋଣ ପର୍ଯ୍ୟନ୍ତ ଦେଶ ଭିତରେ ଶିକ୍ଷା ପାଇଁ ୫ ପ୍ରତିଶତ ଓ ବିଦେଶରେ ଶିକ୍ଷା ପାଇଁ ୧୫ ପ୍ରତିଶତ ମାର୍ଜିନ ଧାର୍ଯ୍ୟ କରାଯାଇଛି। ଶିକ୍ଷାନୁଷ୍ଠାନରୁ ମିଳୁଥିବା ଶିକ୍ଷାବୃତ୍ତିକୁ ମାର୍ଜିନ ହିସାବରେ ବିବେଚନା କରାଯାଇପାରିବ।

ଋଣ ପରିଶୋଧର ବ୍ୟବସ୍ଥାଟି ହେଉଛି ସାଧାରଣତଃ ପାଠ୍ୟକ୍ରମ ଅବଧି ଶେଷ ହେବାର ୧ ବର୍ଷ ପର ଠାରୁ ଋଣ ପରିଶୋଧ ଆରମ୍ଭ ହୋଇଥାଏ ଏବଂ ପରିଶୋଧ ଅବଧି ୧୫ ବର୍ଷ ପର୍ଯ୍ୟନ୍ତ ରହିଥାଏ। ଏହି ବ୍ୟବସ୍ଥାରେ ଆୟକର ରିହାତିର ସୁଯୋଗ ରହିଛି। ଶିକ୍ଷାଋଣ ପାଇଁ ଦିଆଯାଉଥିବା ସୁଧ ଉପରେ ଆୟକର ରିହାତିର ବ୍ୟବସ୍ଥା ଅଛି। ଆଜିକାଲି ବିଭିନ୍ନ ବ୍ୟାଙ୍କ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାଋଣକୁ ସହଜ ଓ ସରଳ କରିବା ପାଇଁ ସର୍ତ୍ତରେ କିଛି କିଛି ପରିବର୍ତ୍ତନ କରୁଛନ୍ତି। ଏଣୁ ଋଣ ନେବା ପୂର୍ବରୁ ଏସବୁ ଯୋଜନାର ସର୍ତ୍ତଗୁଡ଼ିକୁ ଭଲ ଭାବେ ଅନୁଧ୍ୟାନ କରିବା ଜରୁରୀ। ଶିକ୍ଷା ପାଇଁ ଋଣ ନେବା ସମୟରେ ଆପଣ ଆଇନ ଅନୁମୋଦିତ ସମସ୍ତ ପ୍ରାମାଣିକ ତଥ୍ୟ ଓ ସୂଚନା କେବଳ ନିଜ ସୁବିଧା ପାଇଁ ନୁହେଁ ବ୍ୟାଙ୍କ ସହ ଦେଶର ଜଣେ ଯଥାର୍ଥ ନାଗରିକ ଭାବେ ଆପଣଙ୍କ ଦାୟିତ୍ୱ ନିର୍ବାହ କରନ୍ତୁ। ଯାହାଦ୍ୱାରା ପରବର୍ତ୍ତୀ ସମୟରେ ଶିକ୍ଷା ଋଣ ନେଇଥିବା ପିଲାଟି କୌଣସି ଅସୁବିଧାକୁ ସାମ୍ନା ନକରେ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,**
**ଦେଉଳ ସାହି, ତୁଳସୀପୁର, କଟକ,**
**ଦୂରଭାଷ : ୯୯୩୭୬୫୮୩୬୨ /**
**୭୯୭୮୭୯୬୬୩୩**

# ଆମେ ଭଲ ନାଗରିକ ହେବା କେବେ ?

**ଡାକ୍ତର ସମ୍ରାଟ କର**



ସମଗ୍ର ଭାରତ ଏବେ ନିର୍ବାଚନ ମୁହାଁ। ସମସ୍ତେ ଏକ ପ୍ରକାର ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ଏହି ନିର୍ବାଚନ ତାତିକୁ ସାମ୍ନା କରୁଛନ୍ତି। ତେବେ ନିକଟରେ କିଛିଦିନ ତଳର ଏକ କୌଣସି ପୁରୁଣା ଲେଖାଟି କଥା ମନେପଡୁଥିବାବେଳେ ସେଥିରେ ଯାହା ଉଲ୍ଲେଖ ରହିଥିଲା 'ଆଗରୁ ବିଦେଶୀମାନେ କହୁଥିଲେ, ଏବେ ଭାରତୀୟମାନେ ମଧ୍ୟ ଅନୁଭବ କଲେଣି ଆମ ଲୋକଙ୍କ ଭିତରେ ସିଭିକ୍ ସେନ୍ସର ଅଭାବ ରହିଛି। ସ୍ୱାସ୍ଥ୍ୟ ଏବଂ ପରିମଳକୁ ନେଇ ଆମ ଦେଶରେ ସଚେତନତାର ଅଭାବ ଅଛି। ଆଗରୁ ବିଦେଶୀ ଅଧ୍ୟୟନକାରୀମାନେ ଭାରତକୁ ଅପରିଷ୍କାର, ପଛୁଆ ଏବଂ ଦୁର୍ନୀତିଗ୍ରସ୍ତ ଦେଶ ବୋଲି କହୁଥିଲେ। ଏହି ସର୍ବେକ୍ଷଣ ଭାରତୀୟମାଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରୁଥିଲା, କିନ୍ତୁ ସେମାନେ ସଜାଗ ହେଉନଥିଲେ। ହେଲେ ଏବେ ଅନେକ ଜିନିଷ ନିଜକୁ ଖରାପ ଲାଗୁଛି। ଦେଶରେ ସହରୀକରଣ ବଢୁଛି। ମହାନଗରଗୁଡ଼ିକରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି। କାମ କରିବା ଏବଂ ରହିବା ଶୈଳୀ ବଦଳୁଛି। ସଡ଼କରେ ବିଦେଶୀ ଗାଡ଼ି ଛୁଟୁଛି। ମେଟ୍ରୋ ଟ୍ରେନ୍ ମଧ୍ୟ ଚାଲିଛି। ଧୀରେ ଧୀରେ ଅନୁଭବ ହେଉଛି ସହରର ଢ଼ାଞ୍ଚା ବଦଳୁଛି। ହେଲେ ଏହି ପରିବର୍ତ୍ତନ ସହ ତାଳ ଦେଇ ଆମ ଆଚରଣ ଏବଂ ବ୍ୟବହାର ବଦଳୁନି ବା ଉନ୍ନତ ହେଉନି।'

ଆଜିର ଧାଁ ଧଉଡ, କର୍ମବ୍ୟସ୍ତ ଜୀବନ ଭିତରେ ଲୋକମାନେ ସହରରେ ହାଉସିଂ ସୋସାଇଟି ବନାଉଛନ୍ତି, ନିଜକୁ ଆଧୁନିକ ପ୍ରତିପାଦିତ କରିବା ପାଇଁ ପ୍ରତିଯୋଗିତା ହେଉଛି। ହେଲେ ଘରର ଅଳିଆ ରାସ୍ତାରେ ପଡୁଛି। କେତେକ ସ୍ଥାନରେ ଆପାର୍ଟମେଣ୍ଟରେ ରହୁଥିବା ଲୋକେ ଘର ପୋଛି ମଇଳା ପାଣି ବାଲ୍‌କୋନିରୁ ରାସ୍ତାକୁ ଫିଙ୍ଗୁଛନ୍ତି, ପଡ଼ୋଶୀଙ୍କ ବିଷୟରେ ଚିନ୍ତା ନକରି ରାତିଅଧରେ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ସିଷ୍ଟମ୍ ବଜାଉଛନ୍ତି। ଯେତେ ଶିକ୍ଷିତ ଲୋକ ହେଲେ ବି ରାସ୍ତାରେ ବରଯାତ୍ରୀ ନେବା ବେଳେ ରାସ୍ତା ମଝିରେ ନାଚଗୀତ ଚାଲୁଛି, ଘଣ୍ଟା ଘଣ୍ଟା ଧରି ଗାଡ଼ିମଟର ଅଟକି ରହୁଛି। ଅନ୍ୟ ଲୋକଙ୍କୁ ଯେ ଅସୁବିଧା ହେଉଛି ଏ ନେଇ ଚିନ୍ତା ନାହିଁ କାହାର। ରାସ୍ତା ଅବରୋଧ ହୋଇଯିବା ଦ୍ୱାରା ଟ୍ରାଫିକ ଭିଡ଼ ସୃଷ୍ଟି କରୁଛି, ଗହଳି ଭିତରେ ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଅଟକି ଯାଉଛି, କେତେକ ସ୍ଥାନରେ ଜଣେ ଜଣେ ଡାକ୍ତର ମଧ୍ୟ ଭିଡ଼ ଭିତରେ ଏପରି ଫସି ଯାଉଛନ୍ତି ଯେ ତାଙ୍କୁ ଅପେକ୍ଷା କରିଥିବା ରୋଗୀ ମାନଙ୍କ କଥା କେହି କେବେ ଚିନ୍ତା କରିନଥାନ୍ତି। ସହର ବଢୁଛି, ବିକାଶ ବି ବଢ଼ିବା ସ୍ୱାଭାବିକ। ସଡ଼କ ଚଉଡା ହେବାରେ ଲାଗିଛି, ଗାଡ଼ି ସଂଖ୍ୟା ବଢୁଛି, ହେଲେ ଗାଡ଼ିର ମାଲିକ ଲେନ୍ କିମ୍ବା ସ୍ପିଡ୍ ବିଷୟରେ ଚିନ୍ତା କରୁନାହାନ୍ତି। ସେମିତି ପଥଚାରୀମାନେ ମଧ୍ୟ ଭାବୁ ନାହାନ୍ତି ଟ୍ରାଫିକ୍‌ରେ ରସବୁଜ ଲାଇଟ୍ ଜଳିବା ବେଳେ ରାସ୍ତା ପାର କରୁଛନ୍ତି। ଆମ



ଲୋକମାନଙ୍କୁ ମେଟ୍ରୋ ଟ୍ରେନ୍‌ର ସୁବିଧା ଦରକାର କିନ୍ତୁ ଏଥିରେ ଚଢ଼ିବା ପାଇଁ ଧାଡ଼ିରେ ଛିଡ଼ା ହେବା ବଦଳରେ ଜଣେ ଅନ୍ୟ ଜଣଙ୍କୁ ଧକ୍କା ଦେଇ ଆଗ ଚଢ଼ିବାକୁ ପ୍ରସ୍ତୁତ। ରାସ୍ତା କଡ଼ରେ ପରିସ୍ରା କରିବା, ଛେପ ପକାଇବା, ନାକ ପୋଛିବା, ଫଳଚୋପା, ଗୁଟଖା ପାଉଚ୍ ଆଦି ପକାଇବା ଖୁବ୍ ସାଧାରଣ କଥା। ଏ କ୍ଷେତ୍ରରେ ସରକାର ଓ ପ୍ରଶାସନକୁ ପୁଣି ସତର୍କତା ବା ଅନୁରୋଧମୂଳକ ସୂଚନା ଦେବାକୁ ଏବେ ବି ପଡୁଛି।

ଦେଶର ପରିମଳ ବ୍ୟବସ୍ଥା ନେଇ ନିକଟରେ ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥା ଯେଉଁ ସମାଲୋଚନାଟି ଉଠାଇଥିଲେ ଏହା ତରଫରୁ କର୍ତ୍ତୃପକ୍ଷଙ୍କ ଉତ୍ତରଟି ଥିଲା, ପରିମଳ ବ୍ୟବସ୍ଥାକୁ ନେଇ ଆମ ଦେଶରେ ଏବଂ ବିଦେଶରେ ମାପଦଣ୍ଡ ଭିନ୍ନ। ଭୌଗୋଳିକ ପରିବେଶରେ ଭିନ୍ନତା ଯୋଗୁଁ ଅବଶ୍ୟ ମାପଦଣ୍ଡରେ କିଛି ଭିନ୍ନତା ଥିବ। କିନ୍ତୁ ପ୍ରକୃତରେ ପରିମଳ, ଗମନାଗମନ ଏବଂ ନାଗରିକ ଜୀବନକୁ ନେଇ ଭାରତୀୟ ମାପଦଣ୍ଡ କ'ଣ ? ଏହାର ଉତ୍ତର ବୋଧହୁଏ କାହାପାଖରେ ନଥିବ। ସତ କହିବାକୁ ଗଲେ ପରିଷ୍କାର ପରିଚ୍ଛନ୍ନତା, ପରିବେଶ, ପରିମଳ ଆମ ସରକାରଙ୍କ ପାଇଁ କିମ୍ବା ଆମ ସମାଜ ପାଇଁ କୌଣସି ବଡ଼ ପ୍ରସଙ୍ଗ ନୁହେଁ। କାରଣ ଆମ ନେତାମାନେ ସାମାଜିକ ଜୀବନର ପ୍ରଶ୍ନକୁ ରାଷ୍ଟ୍ରୀୟତା ସହ ଯୋଡ଼ି ନାହାନ୍ତି। ଚଳିତ ନିର୍ବାଚନରେ ସବୁ ଦଳର ନିର୍ବାଚନ ଘୋଷଣାନାମା ବା ଇସ୍ତାହାର ସଂକଳ୍ପ ପତ୍ର ଦେଖନ୍ତୁ। ଆମେ ଆଲୋଚନା କରୁଥିବା ଉପରୋକ୍ତ ପ୍ରସଙ୍ଗ ଗୁଡ଼ିକୁ କେଉଁମାନେ ସେମାନଙ୍କ ଘୋଷଣା ସଂକଳ୍ପ ପତ୍ରରେ ଗ୍ରହଣ କରିଛନ୍ତି ? କିନ୍ତୁ ଅନେକ ବିକାଶଶୀଳ ଦେଶରେ ଏହା ଏକ ମୁଖ୍ୟ ପ୍ରସଙ୍ଗ। ଆମେ ଭିଏତ୍‌ନାମକୁ ଏହାର ଉଦାହରଣ ଭାବରେ ନେଇପାରିବା। ଭିଏତ୍‌ନାମର ଜନନାୟକ ହୋ ଚି ମିନ୍ ପରିମଳକୁ ରାଜନୈତିକ ଚେତନା ଏବଂ ଦେଶ ଭକ୍ତିର ଏକ ଅଭିନ୍ନ ଅଂଶରେ ପରିଣତ କରିଥିଲେ। ସେଥିପାଇଁ ସେ ରାସ୍ତା ଝାଡୁ କରିବା ପାଇଁ ବାହାରି ପଡୁଥିଲେ। ଭାରତରେ କେବଳ ଗାନ୍ଧୀ ଏହାକୁ ଅନୁଭବ କରିଥିଲେ। କିନ୍ତୁ ସେ ଉନ୍ନତ ନାଗରିକ ଜୀବନ ପ୍ରସଙ୍ଗକୁ ରାଜନୈତିକ ସ୍ୱାଧୀନତାର ସ୍ୱପ୍ନକୁ ଯୋଡ଼ିପାରି ନଥିଲେ। ଜାତୀୟ କଂଗ୍ରେସ ଏହି ପ୍ରସଙ୍ଗ ନେଇ ତାଙ୍କ ସହ ସହମତ ହୋଇନଥିଲା। ଏହି ପ୍ରସଙ୍ଗକୁ ସାମିଲ କରିବା ପାଇଁ କଂଗ୍ରେସର ଆଗ୍ରହ ମଧ୍ୟ ନଥିଲା ନେଇ ସେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଆଉ ଦଳର ଅଧିକାଂଶ ନେତା ଗାନ୍ଧିଜୀଙ୍କର ପରିମଳ ଆଗ୍ରହକୁ ତାଙ୍କର ନିଜସ୍ୱ ଆଗ୍ରହ ବୋଲି କହୁଥିଲେ। ନେହରୁ ମଧ୍ୟ ନାଗରିକ ଜୀବନ ପ୍ରସଙ୍ଗକୁ ଗୁରୁତ୍ୱ ଦେଉନଥିଲେ ବୋଲି ଏହା ଗଣମାଧ୍ୟମର ଶିରୋନାମା ମଧ୍ୟ ପାଲଟିଥିଲା। ପ୍ରକୃତରେ ତାଙ୍କୁ ଏବଂ ଅନ୍ୟ ନେତାମାନଙ୍କୁ ଲାଗୁଥିଲା, ସ୍ୱାଧୀନତା ପରେ ସବୁକିଛି ମନକୁ ମନ ଠିକ୍ ହୋଇଯିବ। ସେତେବେଳେ ସେମାନେ ବୁଝିପାରିନଥିଲେ ସ୍ୱାଧୀନତା ପରେ ରାଷ୍ଟ୍ରକୁ ଦୃଢ଼ ରଖିବା ନିମନ୍ତେ ଆମକୁ ଏକ ସଚେତନ ନାଗରିକ ସମାଜ ଆବଶ୍ୟକ ହେବ। ଆଉ କେତେକଙ୍କ ମତ ଭାରତ ପରି ଗରିବ ଦେଶ ପାଇଁ କ୍ଷୁଧା ନିବାରଣ ସବୁଠାରୁ ବଡ଼ ପ୍ରସଙ୍ଗ। ପରିମଳ ଏବଂ ନାଗରିକ ଜୀବନ ଢ଼େର୍ ପଛରେ। ତେଣୁ ସ୍ୱାଧୀନତା ପରେ ମଧ୍ୟ ବାମପନ୍ଥୀମାନେ କିମ୍ବା ଅନ୍ୟ କୌଣସି ନୀତିବାଦୀମାନେ ଏହାକୁ ଜନଆନ୍ଦୋଳନର ପ୍ରସଙ୍ଗ କରିନଥିଲେ ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ସରକାରଙ୍କ ସହ ଅସହଯୋଗ ଏବଂ ଆଇନଭଙ୍ଗକୁ ନେତାମାନେ ଏକ ହତିଆର ଭାବେ ବ୍ୟବହାର କରୁଥିଲେ । ସ୍ୱାଧୀନତା ଲାଭ କରିବା ପରେ ମଧ୍ୟ ଲୋକମାନଙ୍କ ମନରୁ ଏହାର ସ୍ମୃତି ଲିଭି ପାରିନି । ସରକାରଙ୍କ ପ୍ରତି ସେହି ଅସହଯୋଗ ଭାବନା ଏବେ ବି ରହିଛି । ଅନେକ କ୍ଷେତ୍ରର ଘଟଣାକୁ ଅନୁଭବକରି ଜଣେ ବୁଦ୍ଧିଜୀବୀ ପ୍ରଶ୍ନ କରିଥିଲେ ଯେ ସରକାରଙ୍କୁ ନିଜର ଶତ୍ରୁ ଭାବରେ ଦେଖିବାର ମନୋଭାବ ଏବେ ବି ଲୋକଙ୍କ ଭିତରେ ରହିଛି । ନିୟମର ଉଲ୍ଲଂଘନ କୌଣସି ନା କୌଣସି ରୂପରେ ଏହି ମନୋଭାବର ଅଭିବ୍ୟକ୍ତି । ଆମ ଦେଶରେ କୌଣସି ଦାବି ପୂରଣ ପାଇଁ ସର୍ବପ୍ରଥମେ ରାସ୍ତା ବନ୍ଦ କରି ଧର୍ମଘଟ କରାଯାଏ । ଏଥିରେ ସାଧାରଣ ଲୋକଙ୍କର ଯାତାୟାତରେ ଅସୁବିଧା ହୁଏ । ଏହାପରେ ସେମାନେ ସାର୍ବଜନୀନ ସମ୍ପତ୍ତି ଉପରେ ଆକ୍ରମଣ କରନ୍ତି । ଦୁର୍ଭାଗ୍ୟବଶତଃ ସରକାରୀ ଅନୁଷ୍ଠାନମାନେ ମଧ୍ୟ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରି ନାହାନ୍ତି ଏ ପର୍ଯ୍ୟନ୍ତ । ଏହି କାରଣରୁ ସେମାନଙ୍କୁ ଜନସହଯୋଗ ମିଳିପାରି ନାହିଁ । ସନ୍ତୁଳିତ ନାଗରିକ ଜୀବନ ପାଇଁ ନାଗରିକମାନଙ୍କ ମଧ୍ୟରେ ସମାନତା ଭାବ ଆସିବା ଖୁବ୍ ଜରୁରୀ । କିନ୍ତୁ ଭାରତରେ ଯେପରି ଭାବରେ ଜାତି, ଧର୍ମ, ଅଞ୍ଚଳକୁ ନେଇ ରାଜନୀତି ହେଉଛି, ତା'ଦ୍ୱାରା ଲୋକଙ୍କ ମନରେ ସହଯୋଗ ପ୍ରବୃତ୍ତି ବୃଦ୍ଧି ପାଉନି । ଏହା ବ୍ୟତୀତ ଆର୍ଥିକ ଏବଂ ଶିକ୍ଷାକ୍ଷେତ୍ରରେ ଅସନ୍ତୁଳନ ରହିଛି । ସହରରେ ରହୁଥିବା ଲୋକେ ନିଜ ସହ ଗାଁ ସ୍ମୃତି ନେଇ ଆସିଥାନ୍ତି, ଯାହା ସେମାନଙ୍କ ଅବଚେତନ ମନରେ ବସାବାନ୍ଧି ରହିଥାଏ । ସେମାନେ ସବୁବେଳେ ସହରକୁ ଗାଁ ସହ ତୁଳନା କରନ୍ତି । ଗାଁରେ ସହର ପରି ପରିମଳ ଏବଂ ଟ୍ରାଫିକ୍ ସମସ୍ୟା ନଥାଏ । ତେଣୁ ସହରର ମାପଦଣ୍ଡକୁ ସେମାନେ ମାନସିକ ଭାବରେ ଗ୍ରହଣ କରିପାରନ୍ତିନି । ଆମ ଦେଶରେ ବିକାଶର ଯେଉଁ ମଡ଼େଲ ଅଛି, ତାହାର ମୁଖ୍ୟ ଅଂଶ ସହରୀକରଣ । ତେବେ କେବଳ ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ତିଆରି କରିଦେଲେ ସହର ହୋଇଯାଏନି । ସହରୀକରଣ ପାଇଁ ନାଗରିକମାନଙ୍କୁ ମାନସିକ ଭାବରେ ପ୍ରସ୍ତୁତ କରିବାକୁ ହୁଏ । ମୁଖ୍ୟ ଆମ ଆଲୋଚନାଟି ହେଉଛି ଭଲ ହେବା ଆଉ ଭଲ କାମ କରିବା ଏହା ଏକ ଜୀବନଧର୍ମୀ ଆଉ ଗଠନମୂଳକ ଜୀବନ ଚେତନା। ଭଲ ହେବାଟି ପାଇଁ କେଉଁ ବଂଶ ପରମ୍ପରାର ବାଧ୍ୟବାଧକତା ବା ଧର୍ଣ୍ଣାଢ଼୍ୟ, ପ୍ରଭାବଶାଳୀ, ବାହୁବଳୀ ବ୍ୟକ୍ତିତ୍ୱ ଆବଶ୍ୟକ ପଡ଼ିନଥାଏ। ନିଜକୁ ସବୁବେଳେ ନିଜ ଭିତରକୁ ପଚାରି କାର୍ଯ୍ୟ କରିଚାଲିଲେ ଏହା ହିଁ ଆମ ସମସ୍ତଙ୍କ ପାଇଁ ଏକ ଭଲ ମାନସିକତା ସୃଷ୍ଟି କରିପାରିବ। ନିଜ ଜୀବନଚର୍ଯ୍ୟାଟି ଠିକ ରଖିବା, ଘର ପରିବାର ସଂସାର ପାଇଁ ସଠିକ ସମୟ ଦେବା, ସରକାରଙ୍କ ରାଜସ୍ୱ ଉପଯୁକ୍ତ ସମୟରେ ଭରଣା ସହ ନିଜ ଅଧିକାର ଆଉ କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ଭଲ ହେବା ଆଦୌ ଏକ ଆଶ୍ଚର୍ଯ୍ୟକର ଅନୁଭବ ଯେ ନୁହେଁ ଏହା ଆପଣ ବେଶ ଭଲ ଭାବେ ବୁଝି ପାରିବେ। ଚଳିତ ମତଦାନରେ ଆସନ୍ତୁ ନିଶ୍ଚିନ୍ତ ଏହି ବଡ଼ ଗଣପର୍ବରେ ନିଜକୁ ସାମିଲ କରିବା ଆଉ ମୂଲ୍ୟବାନ ମତଦାନ ସାବ୍ୟସ୍ତ କରିବା।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ୍, ପୁରୀଘାଟ ରୋଡ଼,**
**କଟକ, ଦୂରଭାଷ :**
**୯୧୩୨୪୩୩୩୩୩**




## ସ୍ୱାଧିନ ବିଧାୟକ ପ୍ରାର୍ଥୀ ହିମାଂଶୁଙ୍କ ମିଶ୍ରଣ ପର୍ବ



**ଜେନାପୁର,(ପି.ଏନ୍):**ସ୍ୱାଧିନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୧ ନମ୍ବର ଜୋନ୍ ର ବିଜେପି, ବିଜେଡି, କଂଗ୍ରେସ ଆଗଧାଡିର ନେତାମାନେ ହିମାଂଶୁଙ୍କ ସ୍ୱାଧିନ ଦଳରେ ସ୍ୱେଚ୍ଛାକୃତ ଭାବେ ସାମିଲ୍ ହେଲେ । ତାଙ୍କର ଭଲପାଇବା କର୍ମୀମାନେ ଅପେକ୍ଷାରତ ହିମାଂଶୁଙ୍କ ପ୍ରଚାର ପ୍ରସାରରେ ଯାଇଥିବା ବେଳେ ବିଳମ୍ବିତ ରାତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସବୁଆଡେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜନତାଙ୍କ ପ୍ରତି ଉଦାରତା ପାଖକୁ ଟାଣିଆଣୁଛି । ସଭିଙ୍କ ମନ ଭିତରେ ସେ ଜାଗା ସୃଷ୍ଟି କରିସାରିଲେଣି । ଯାହା ଦେଖିବାକୁ ମିଳୁଛି ବିନା କୁଣ୍ଠାବୋଧରେ କର୍ମୀମାନେ ପ୍ରତିଦିନ ତାଙ୍କ ସଂଗଠନରେ ଯୋଗଦେଉଛନ୍ତି । ଲୋକେ ବି କୁହାକୁହି ହେଲେଣି ଏଥର ବିପୁଳ ମାତ୍ରାରେ ବାଲଟି ଚିହ୍ନରେ ମୋହର ଦେଇ ଧର୍ମଶାଳା ରୁ ଅନ୍ୟାୟ,ଅତ୍ୟାଚାର, ଲୁଣ୍ଠନ, ଭ୍ରଷ୍ଟାଚାର ଓ ପରିବାଦକୁ ହଟାଇ ଏକ ନୂତନ ସଂସ୍କରଣର ନିର୍ବାଚନ ମଣ୍ଡଳୀରେ ନୂତନ ବିଧାୟକଙ୍କୁ ଗାଦିରେ ବସାଇବେ । ପରିବର୍ତ୍ତନ ହିଁ ଦେଶର ପ୍ରଗତି ଓ ରାଜ୍ୟର ପ୍ରଗତି ଯାହା ଆଗାମୀ ଦିନରେ ନୂଆ ସରକାର ଗଠନ ଦିଗରେ ଭୋଟର ମାନେ ମତ ଦେଲେଣି । ବିଜେପି,କଂଗ୍ରେସ ଓ ଅନ୍ୟ ସ୍ୱାଧିନ ପ୍ରାର୍ଥୀମାନେ ସ୍ଥାଣୁତା ଥିବା ବେଳେ ବିଜେଡି ଓ ସ୍ୱାଧିନ ପ୍ରାର୍ଥୀ ହିମାଂଶୁଙ୍କ ମଧ୍ୟରେ ବରାବର ଲଢେଇ ହେବ ଯାହା ମୈଦାନରେ ପ୍ରଚାର ପ୍ରସାର ରୁ ଅନୁମାନ କରାଯାଉଛି । ଏଥିରେ କବାଟବନ୍ଧ, ତାଳଜଙ୍ଗ, ରେଖିଦେଈପୁର,ମର୍ଜିତାପୁର ଓ ରାଇଛନ୍ଦା ପଞ୍ଚାୟତ ସମେତ ୩୦ ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ ।

## ନୁଭୋକୋ ପକ୍ଷରୁ ଟେକ୍ ଏକ୍ସପ୍ରେସ୍ ଉଦଘାଟିତ




**ଭୁବନେଶ୍ୱର:** ଭାରତର ୫ମ ସର୍ବବୃହତ୍ ସିମେଂଟ୍ ଗ୍ରୁପ୍ ଓ ପୂର୍ବ ଭାରତର ଅଗ୍ରଣୀ ସିମେଂଟ୍ ନିର୍ମାତା, ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିଃ ୫୦ଟି ଟେକ୍ ଏକ୍ସପ୍ରେସ୍ ଯାନ (ଟେକ୍ନିକାଲ ମୋବାଇଲ ଭ୍ୟାନ୍)ର ଶୁଭାରମ୍ଭ କରିଛି । ଏହାଦ୍ୱାରା କମ୍ପାନୀର ଉଦ୍ଦେଶ୍ୟ ହେଉଛି ଦକ୍ଷ ନିର୍ମାଣ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଉତର, ପୂର୍ବ ଓ କେନ୍ଦ୍ର ଭାରତୀୟ ବଜାରଗୁଡିକରେ ଗ୍ରାହକଙ୍କୁ ଅନ୍-ସାଇଟ୍ ସେବା ପ୍ରଦାନ କରିବା । ଟେକ୍ ଏକ୍ସପ୍ରେସ୍ ହେଉଛି ଏକ ମାଗଣା ମୂଲ୍ୟ-ଯୋଗକାରୀ ସେବା ଯାହାକୁ ନୁଭୋକୋ କଙ୍କ୍ରିଟ୍ ପ୍ଲେସ୍‌ମେଂଟ୍ ସମୟରେ ନିରନ୍ତର ଓ ଉଚ୍ଚମାନର କଙ୍କ୍ରିଟ୍ ସୁନିଶ୍ଚିତ କରିବା ପାଇଁ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ପ୍ରଦାନ କରିଥାଏ । ଏହି ଯାନଗୁଡିକ ସାମଗ୍ରୀଗୁଡିକୁ ସାଇଟ୍‌ରେ ମୂଲ୍ୟାୟନ ବା ଯାଂଚ କରିବା ପାଇଁ ଆବଶ୍ୟକୀୟ ପରୀକ୍ଷଣ ସୁବିଧା ଓ ଉପକରଣ ସହ ସୁସଜ୍ଜିତ ରହିଛି ଏବଂ ଏହାକୁ କ୍ୟାପ୍ଟେନ ନୁଭୋକୋ ପରିଚାଳନା କରୁଛନ୍ତି । କ୍ୟାପ୍ଟେନ ନୁଭୋକୋ ହେଉଛନ୍ତି ଜଣେ ଯୋଗ୍ୟ ସିଭିଲ୍ ଇଞ୍ଜିନିୟର ଯିଏ ନିର୍ମାଣ ପାଇଁ ସର୍ବୋତମ କାର୍ଯ୍ୟ ଉପରେ ପରାମର୍ଶ ଦେଇଥାନ୍ତି । କଙ୍କ୍ରିଟ୍ ଢଳାଯିବା ପୂର୍ବରୁ କୌଣସି ତ୍ରୁଟି ଥିଲେ ତାହାକୁ ଚିହ୍ନଟ କରିବା ଓ ଠିକ୍ କରିବା ପାଇଁ ସୁଯୋଗ ଦେବା ଲାଗି ଟେକ୍ ଏକ୍ସପ୍ରେସ୍ କିଛି ପ୍ରମୁଖ କାରକ ଯେପରିକି ସ୍ଲମ୍ପ କୋନ୍ ଟେଷ୍ଟ୍ (ଏକ ମିଶ୍ରଣର ଗୁଣବତା ଓ ସ୍ଥାୟିତ୍ୱକୁ ଆକଳନ କରିବା), ସିଲ୍ଟ ଟେଷ୍ଟ, ସ୍ଲାବ୍ କାଷ୍ଟିଙ୍ଗ୍ ସୁପରଭିଜନ, ରିବାଉଣ୍ଡ ହାମର୍ ଟେଷ୍ଟ୍ ଆଦିରେ ସାହାଯ୍ୟ କରିପାରିଥାଏ । ଏହି ଉନ୍ମୋଚନ ଅବସରରେ ନୁଭୋକୋର ସିମେଂଟ୍ ବିଭାଗର ମୁଖ୍ୟ ବିକ୍ରି ଓ ବ୍ୟବସାୟ ବିକାଶ ଅଧିକାରୀ ବିନିତ୍ କୁମାର ତିୱାରୀ କହିଛନ୍ତି, ‘ ଇଣ୍ଡିଭିଜୁଆଲ ହୋମ୍ ବିଲ୍ଡର (ଆଇଏଚ୍‌ବି)ମାନେ ଆମ ବଜାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟନ୍ତି ଏବଂ ସେମାନେ ନିର୍ମାଣ ପ୍ରକ୍ରିୟା ବେଳେ ବାରମ୍ବାର ଆନୁଷ୍ଠାନିକ ବୈଷୟିକ ସହଯୋଗରୁ ବଂଚିତ ରୁହନ୍ତି ।

## ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ପ୍ରୟାସ

ଭୁବନେଶ୍ୱର,(ପିଏନ)- ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସରକାରୀ ସ୍ତରରେ ଯାରି ପ୍ରୟାସକୁ ଆହୁରି ବ୍ୟାପକ କରାଯିବ । ଦୈନିକ ଆର୍ଥିକ ଏବଂ ମହିଳା ଓ ଶିଶୁମାନଙ୍କ ଉପରେ ଯୌନଜନିତ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏଥି ନିମନ୍ତେ ଏକ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ତୃଣମୂଳ ସ୍ତରରେ ସାଇବର ଅପରାଧ ବିରୋଧି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ବିଶେଷକରି ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ, ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ ଉକ୍ତ ଅଭିଯାନରେ ସବୁ ବର୍ଗଙ୍କୁ ସାମିଲ କରିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ୩୪ଟି ସଚେତନତା ରଥ ରାଜ୍ୟର ପ୍ରତ୍ୟେକ ଥାନାକୁ ଗସ୍ତ କରି ଭିଡ଼ିଓ ଅଡ଼ିଓ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବ । ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରର କାନ୍ଥରେ ପେଂଟିଂ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ । ଏପରିକି ବିଦ୍ୟାଳୟ ସ୍ତରରେ ଅଭିଭାବକ-ଶିକ୍ଷକ ମାନଙ୍କ ବୈଠକରେ ସାଇବର କ୍ରାଇମ ପ୍ରତି ସଚେତନ ରହିବାକୁ ମଧ ଆଲୋଚନା ହେବ । ଅର୍ଥ ନେଣଦେଣ ପୂର୍ବରୁ ସତ୍ୟତା ଯାଂଚ କରିବା, ଅଜଣା ବ୍ୟକ୍ତିଙ୍କ ସହ ଅନାବଶ୍ୟକ ବନ୍ଧୁତା ରକ୍ଷା ନକରିବା, ଅଜଣା ଏସ୍.ଏମ୍.ଏସ୍, ଲିଙ୍କ କିମ୍ବା ସନ୍ଦେହାତ୍ମକ ଆପ୍ ଡାଉନଲୋଡ ନକରିବା ଉପରେ ମୁଖ୍ୟତଃ ସଚେତନ ସୃଷ୍ଟି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

ଉଭୟ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ମଧ ଅଭିଯାନ ଯାରି ରହିବ । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମଧ ନିୟମିତ ଭାବେ ସାଇବର ଅପରାଧ ନିୟନ୍ତ୍ରଣ ଜନିତ ବାର୍ତ୍ତା ପ୍ରଦାନ କରାଯିବ । ଏଥି ନିମନ୍ତେ ବିଭିନ୍ନ ଆଲୋଚନା ଚକ୍ରର ମଧ ଆୟୋଜନ କରାଯିବ । ଏପରିକି "ସଚେତନ ରହିବା ଏବଂ ସୁରକ୍ଷିତ ରହିବା-ସାଇବର ଅପରାଧ ମୁକ୍ତ ଓଡ଼ିଶା" ଉପରେ ରୋଡ ରନ, ସାଇକ୍ଲୋଥନ, ଶୋଭାଯାତ୍ରା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ ଓ କୁଇଜ ପ୍ରତି ଯୋଗିତା ମଧ କରାଯିବ । ଏଭଳି ଅଭିଯାନ ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ ।

ସୂଚନାଯୋଗ୍ୟ ଦେଶରେ ୨୦୨୧ ମସିହାରେ ୫୨ ହଜାର ୯୭୫ ମାମଲା ପଞ୍ଜିକୃତ ହୋଇଥିଲା ଯାହା ଏହାର ପୂର୍ବ ବର୍ଷ ଅପେକ୍ଷା ସାଇବର ଅପରାଧଜନିତ ମାମଲାରେ ୫.୯ ପ୍ରତିଶତ ବୃଦ୍ଧି ପାଇଥିଲା । ସେହିଭଳି ଓଡ଼ିଶାରେ ୨୦୧୯ ମସିହାରେ ୧୪୮୫ଟି, ୨୦୨୦ ରେ ୧୯୩୧ ଏବଂ ୨୦୨୧ ରେ ୨୦୩୭ଟି ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ସାଇବର ହେଲ୍ପ ଡେସ୍କ ମାଧ୍ୟମରେ ରାଜ୍ୟରେ ୨୦୨୧ ମସିହାରେ ୩୪୦୨ଟି ପିଟିସନ ଗ୍ରହଣ କରାଯାଇଥିବା ବେଳେ ୨୦୨୨ ମସିହାରେ ୭୭୦୦ଟି ପିଟିସନ ଗ୍ରହଣ କରାଯାଇଛି । କୌଣସି ବ୍ୟକ୍ତି ସାଇବର ଜନିତ ଅପରାଧ ସଂପର୍କରେ ଅଭିଯୋଗ କରିବାକୁ ହେଲେ ୧୯୩୦ ସହ ଯୋଗାଯୋଗ କରି ଅଭିଯୋଗ କରିପାରିବେ । ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଇଲୋକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଡ଼ଃ ସନ୍ତୋଷ ବାଲା, ଡିଜିପି ଶ୍ରୀ ସୁନିଲ ବଂଶଲ, ମିଶନ ଶକ୍ତି ବିଭାଗ ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତିକେୟନ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ଆଇଜି ଅଫ ପୋଲିସ ସି.ଆଇ.ଡି. ସି.ବି ସିଫିନ୍ ଅହମ୍ମଦ କେ. ପ୍ରମୁଖ ଉପସ୍ଥିତ ଥିଲେ ।

## ପାଣିପାଇଁ ଆସ୍କା-ବ୍ରହ୍ମପୁର ମୁଖ୍ୟ ରାସ୍ତା ରୋକ କଲେ ଗ୍ରାମବାସୀ



**କୁକୁଡ଼ାଖଣ୍ଡି (ପିଏନ):-** ପାଣିପାଇଁ ତାତିଲେ ଗ୍ରାମବାସୀ, ସକାଳୁ ସକାଳୁ କଲେ ରାସ୍ତା ରୋକ । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ପାଣି ଟୋପେ ପାଇଁ ତହଳ ବିକଳ ହେଉଛନ୍ତି ଗ୍ରାମବାସୀ କ୍ଷ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅଙ୍କୁଶପୁର ଗ୍ରାମ ପଞ୍ଚାୟତ ରତନପୁର ଗ୍ରାମବାସୀ ବୁଧବାର ୫୯ ନମ୍ବର ଜାତୀୟ ରାଜପଥ ରୋକ୍ କରିଛନ୍ତି । ୧୫ ଦିନ ଧରି ପାନୀୟ ଜଳରୁ ବଞ୍ଚିତ ହେବା ଏବଂ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଦୂର ହୋଇପାରିଲା ନାହିଁ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା । ଯାହାଫଳରେ ଆଜି ରାଜ ରାସ୍ତା କୁ ଓହ୍ଲାଇଛନ୍ତି ସମଗ୍ର ଗ୍ରାମବାସୀ । ହାଣ୍ଡି ମାଠିଆ ଧରି ଆନ୍‌ଦୋଳନ ରେ ବସିଛନ୍ତି ଶତାଧିକ ମହିଳା ଏବଂ ପୁରୁଷ । ଗ୍ରାମରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ ଏହି ମୌଳିକ ସମସ୍ୟା ସମାଧାନ ହୋଇପାରିନାହିଁ । ଗ୍ରାମରେ ପ୍ରାୟ ୨୦୦ ପରିବାରର ୧୨ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ପାନୀୟ ଜଳ ନିମନ୍ତେ ଗ୍ରାମବାସୀ ନଳକୂପ ର ଅବସ୍ଥା ସୁଚ଼ନୀୟ ହୋଇଥିବାରୁ ୨ ରୁ ୩ କିଲୋମିଟର ଯାଇ ନିକଟସ୍ଥ କୂପ ଏବଂ ଦୂଷିତ ପୋଖରୀ ଉପରେ ନିର୍ଭରଶୀଳ । ଗ୍ରାମବାସୀ ମାନେ ବିଶୁଦ୍ଧ ପାନୀୟ ଜଳ ପାଇବା ନିମନ୍ତେ ବହୁବାର ପ୍ରଶାସନ , ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଛନ୍ତି । ହେଲେ ସେମାନଙ୍କ ସମସ୍ୟା ର ସ୍ଥାୟୀ ସମାଧାନ କରାଯାଇ ନାହିଁ । ନିକଟରେ ଜଗଦଳପୁର ରେ ଜାନିବିଲି ପାଣି ପ୍ରକଳ୍ପ ର ଜଳ ଭଣ୍ଡାର ରହିଛି ଯାହା ସମଗ୍ର ବ୍ରହ୍ମପୁର ସହର ସମେତ ଉପକଣ୍ଠ ଅଞ୍ଚଳ ଗୁଡ଼ିକୁ ପାଣି ଯୋଗାଇଦିଆଯାଉଛି ହେଲେ ରତନପୁର ଦେଇ ପାଣି ଲାଇନ୍ ଯାଇଥିବା ବେଳେ ସେହି ଗ୍ରାମରେ ହିଁ ପାଣିର ସମସ୍ୟା ରହୁଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ଏବଂ ଆମ ଗ୍ରାମକୁ ମଧ ଯାନିବିଲି ପାଣି ପ୍ରକଳ୍ପ ରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦାବି କରିଛନ୍ତି । ଗ୍ରାମବାସୀ ଉତ୍ୟକ୍ତ ହୋଇ ବୁଧବାର ସକାଳୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଓ ଯୁବକ ନିଜ ଜିଦରେ ଅଟଳ ରହି ରାସ୍ତା ରେ ହାଣ୍ଡି ମାଠିଆ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖବର ପ୍ରଚାରିତ ପରେ ସଦର ଥାନା ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ଗ୍ରାମରେ ପହଞ୍ଚି ଗ୍ରାମବାସୀ ଙ୍କୁ ବୁଝାସୁଝା କରିଥିଲେ କ୍ଷ ବୁଝା ସୁଝା ପରେ ରାସ୍ତା ରୋକ୍ ରୁ ଓହରିଥିଲ କ୍ଷ ୪ ରୁ ୫ ଦିନ ଭିତରେ ଏହି ସମସ୍ୟା ର ସମାଧାନ ହେବ ଏବଂ ସମସ୍ୟା ର ସମାଧାନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦିଆଯିବ ବୋଲି ସ୍ଥାନୀୟ ବିଡ଼ିଓ ଏବଂ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି କ୍ଷ ପ୍ରତିଶୃତି ଦେଲେ ଏବଂ ସଙ୍ଗେ ସଙ୍ଗେ ପାଣି ଟ୍ୟାଙ୍କର ଯୋଗାଇଲେ ମଧ କିନ୍ତୁ ପାଣି ଟ୍ୟାଙ୍କର ରୁ ଗୋଳିଆ ପାଣି ବାହାରିବାରୁ ଅଭିଯୋଗ କରିଛନ୍ତି କ୍ଷ ପାଣି ଟ୍ୟାଙ୍କର ଖାଲି କରି ପୁନଃ ପାଣି ଟ୍ୟାଙ୍କର ଭର୍ତ୍ତି କରି ପାଣି ଯୋଗାଇଦିଆଯିବ ବୋଲି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ବିଡ଼ିଓ ପଲ୍ହବି ସ୍ୱାଇଁ ଏବଂ ତହସିଲଦାର ସପନ କୁମାର ସାହୁ କହିଛନ୍ତି ।

### ଜିଓ ପକ୍ଷରୁ ବଲାଙ୍ଗୀର ଓ ନାଲ୍‌କୋରେ ଟ୍ରୁ-୫ଜିର ଶୁଭାରମ୍ଭ, ସାରା ଓଡ଼ିଶାର ୧୨ଟି ସହରରେ ପହଂଚିଲା ଟ୍ରୁ-୫ଜି

ଭୁବନେଶ୍ୱର,(ପିଏନ): ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାର ବଲାଙ୍ଗୀର ସହର ଓ ଅନୁଗୁଳ ଜିଲ୍ଲାର ନାଲ୍‌କୋ ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଆଜି ଘୋଷଣା କରାଯାଇଛି । ଏହା ସହିତ ଓଡ଼ିଶାର ୧୨ଟି ସହରରେ ଜିଓ ଗ୍ରାହକମାନେ ଏବେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଛନ୍ତି । ପୂର୍ବରୁ ଜିଓ ଟ୍ରୁ-୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ ଓ ସମ୍ବଲପୁର ଭଳି ୧୦ଟି ସହରରେ ଶୁଭାରମ୍ଭ ହୋଇଥିଲା ।

ଜାତୀୟ ସ୍ତରରେ ୩୪ଟି ଅଧିକ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ବିଷୟରେ ଆଜି ରିଲାଏନ୍ସ ଜିଓ ପକ୍ଷରୁ ଘୋଷଣା କରାଯାଇଛି ଯାହା ଫଳରେ ଜିଓ ଗ୍ରାହକମାନେ ୨୨୫ଟି ସହରରେ ଏବେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଛନ୍ତି ।

ଏହି ସବୁ ସହରଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରରେ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ଜିଓ ପକ୍ଷରୁ ୫ଜି ସେବାର ଶୁଭରମ୍ଭ କରାଯାଇଛି । ଆଜିଠାରୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ପର୍ଯ୍ୟନ୍ତର ଅସୀମିତ ଡାଟା ଅନୁଭୂତି ହାସଲ କରିବା ଲାଗି ଏହି ସହରଗୁଡ଼ିକରେ ଜିଓ ଗ୍ରାହକମାନଙ୍କୁ ଜିଓ ୱେଲକମ୍ ଅଫରରେ ଆମନ୍ତ୍ରଣ କରାଯିବ ।

ଏହି ଅବସରରେ ଜିଓର ପ୍ରବକ୍ତା କହିଛନ୍ତି ଯେ, "ଅତିରିକ୍ତ ୩୪ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ । ଦେଶରେ ମୋଟ ୨୨୫ଟି ସହରରେ ଏବେ ଏହି ସେବା ପହଂଚିପାରିଛି । ବିଟା ପରୀକ୍ଷଣରେ ଶୁଭାରମ୍ଭ ପରେ ୧୨୦ ଦିନରୁ କମ୍ ସମୟ ଭିତରେ ଜିଓ ଏହି ମାଇଲଖୁଂଟ ହାସଲ କରିଛି ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ବୈପ୍ଳବିକ ଜିଓ ଟ୍ରୁ-୫ଜି ସେବା ସହ ସାରା ଦେଶକୁ ଯୋଡ଼ିବା ପଥରେ ଏହା ଅଗ୍ରସର ରହିଛି ।

ବିଶ୍ୱରେ ପ୍ରଥମ ଥର ପାଇଁ କୌଣସି ଅଂଚଳରେ ଏତେ ବ୍ୟାପକ ଭାବେ ଏକ ୫ଜି ନେଟ୍‌ୱର୍କର ଶୁଭାରମ୍ଭ କରାଯାଇଛି ଏବଂ ୨୦୨୩ ଭାରତ ପାଇଁ ଏକ ମାଇଲଖୁଂଟ ବର୍ଷ ସାବ୍ୟସ୍ତ ହେବାକୁ ଯାଉଛି ଯେତେବେଳେ ଜିଓର ଉତ୍କୃଷ୍ଟ ନେଟ୍‌ୱର୍କ ଭିତିଭୂମି ଜରିଆରେ ସମଗ୍ର ଦେଶ ବୈପ୍ଳବିକ ଟ୍ରୁ-୫ଜି ପ୍ରଯୁକ୍ତିର ଲାଭ ହାସଲ କରିବ ।

ଆମ ଦେଶକୁ ଡିଜିଟାଇଜ୍ କରିବା ଲାଗି ଆମ ଉଦ୍ୟମରେ ଆମକୁ ନିରନ୍ତର ସହଯୋଗ ପ୍ରଦାନ କରୁଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ନିକଟରେ ଆମେ କୃତଜ୍ଞ ।'

## ଆଖଣ୍ଡଳମଣିଙ୍କ ଶିବବିବାହ ପାଇଁ ଉଠିଲା ଲଗ୍ନଥାଳ



**ଭଦ୍ରକ / ଆରଡ଼ି :୨୪/୦୫ ( ପି.ଏନ)-**ଆରଡିପୀଠର ଅଧିଶ୍ୱର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପ୍ରସିଦ୍ଧ ଶିବବିବାହ ପାଇଁ ଗୁରୁବାର ପବିତ୍ର ଚ଼ନ୍ଦନ ପୂର୍ଣ୍ଣିମା ଅବସରରେ ବୈଦିକ ରୀତିନୀତି ଅନୁଯାୟୀ କନ୍ୟାପିତା ଗଦାଧର ପାଢୀ ବରପିତା କେଦାରନାଥ ପାଢୀଙ୍କୁ ଲଗ୍ନଥାଳ ପ୍ରଦାନ କରିଥିଲେ । ଏଥିପାଇଁ ଉତ୍ସବ ମୁଖର ହୋଇ ଉଠିଥିଲା ସମଗ୍ର ପୀଠ । ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତୀ, ଘର୍ଷଣଲାଗି ସରିବା ପରେ ଚ଼ନ୍ଦନନୀତି ଅନୁଷ୍ଠିତ ହୋଇଥିଲା । ଅପରାହ୍ଣ ୪ଟା ସୁଧା ସମସ୍ତ ସକାଳ ନୀତି ସରିବା ପରେ ମମିବାବାଙ୍କୁ ବଡସିଂହାର ବେଶରେ ସଜ୍ଜିତ କରାଯିବା ପରେ ଆଜ୍ଞାମାଳ ଅଣାଯାଇ ପ୍ରସିଦ୍ଧ ଶିବବିବାହ ପାଇଁ ଲଗ୍ନଥାଳ ଉଠିଥିଲା । ଯୋଡି ମହୁରୀ ସହ ଘଣ୍ଟ କିର୍ତ୍ତନ, ଆଲଟଚ଼ାମର ଦ୍ୱାରା ଲଗ୍ନଥାଳ ବରପିତା କେଦାରନାଥ ପାଢୀଙ୍କ ଘରୁ କନ୍ୟାପିତା ଗଗଦାଧର ପାଢୀଙ୍କ ଘର ଅଭିମୁଖେ ବାହାରିଥିଲା । ସହସ୍ରାଧିକ ଭକ୍ତ ସେବାୟତଙ୍କ ଦ୍ୱାରା ବାଜା ରୋଷଣୀ ସହ ଲଗ୍ନଥାଳ ନଗରୀ ପରିକ୍ରମା କରିବା ପରେ କନ୍ୟାପିତାଙ୍କ ଘରେ ପହଁଚ଼ିଥିଲା । ସେଠାରେ ଜ୍ୟୋତିଷ୍ୟ ଓ ବ୍ରାହ୍ମଣଙ୍କ ଦ୍ୱାରା ଲଗ୍ନ ଚ଼ିତାଉ ତାଳପତ୍ର ଲେଖନୀ ଦ୍ୱାରା ଦେବଦମ୍ପତିଙ୍କ ବିବାହ ପାଇଁ ଦିନାଙ୍କ ଧାର୍ଯ୍ୟ କରାଯିବା ସହ ପାଣିଗ୍ରହଣ ନୀତିର ସମୟ ନିର୍ଦ୍ଧାରଣ କରାଯାଇଥିଲା । ଏହି ଲେଖା ସର୍ବସମତିକ୍ରମେ ଉପସ୍ଥିତ ଥିବା ସମସ୍ତ ଭକ୍ତ ଓ ସେବାୟତଙ୍କ ଗହଣରେ ପାଠ କରାଯିବା ପରେ ପୁର୍ନବାର ବରପିତାଙ୍କ ଘର ଅଭିମୁଖେ ବାହାରିଥିଲା ଲଗ୍ନ ଚ଼ିଟାଉଥାଳ । ବରପିତାଙ୍କ ଘରେ ସ୍ୱାଗତ କରାଯାଇ ଲଗ୍ନ ଚ଼ିଟାଉ ପାଠ ସହ ଗୁଆ ମଙ୍ଗୁଳା ନୀତି କରାଯାଇଥିଲା । ଏହି ମଙ୍ଗୁଳା ଗୁଆ ଓ ନିମନ୍ତ୍ରଣପତ୍ର ପୀଠ ସମେତ ପଡୋଶୀ ଜିଲାର ସମସ୍ତ ଦେବାଦେବୀଙ୍କୁ ବଣ୍ଟନ କରାଯିବ । ଏଥିପାଇଁ ମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ।

## ବାର୍ଦ୍ଧକ୍ୟ ଭତ୍ତା ନପାଇ ହଇହଇା-ପ୍ରଶାସନ ସ୍ଥାଣୁ

**ମାଲକାନଗିରି,(ପିଏନ)-**ଗୋରାଖୁଣ୍ଟା ପଞ୍ଚାୟତର କୁରୁସୁବାଡ଼ା ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତାଭୋଗୀ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କୁରସୁବାଡା ଗ୍ରାମ ସମେତ ପନାରଗୁଡା, ମଟମଗୁଡା, ସିଙ୍ଗାଣିଗୁଡା ଗ୍ରାମର ପ୍ରାୟ ୫୦ରୁ ଅଧିକ ପେନସନ ଭୋଗୀ ଯୋଗ ଦେଇଥିଲେ । ଯେଉଁମାନେ କି କିଛି ମାସ ହେବ ପେନସନ ପାଉନଥିବା କହିଥିଲେ । ଏଭଳିକି ବ୍ୟାଙ୍କକୁ ଗଲେ ପେନସନ ଆସିନଥିବା ବ୍ୟାଙ୍କ କର୍ମଚ଼ାରୀ କହୁଥିବା ପ୍ରକାଶ କରିଥିଲେ । ବ୍ୟାଙ୍କ ମାନଙ୍କରେ ପାସ ବୁକ୍ ଅପଡେଟ କରୁନଥିବାରୁ ଭତ୍ତା ଆସୁଛି କି ନାହିଁ ଜାଣିପାରୁନଥିବା ଅଭିଯୋଗ କରିଥିଲେ । କେତେକ ରୋଗରେ ପୀଡିତ ଥିବା ଏବଂ ଚ଼ାଲିବାକୁ ଅକ୍ଷମ ଥିବାରୁ ମାଲକାନଗିରି ବ୍ୟାଙ୍କକୁ ଆସିବା ଅସମ୍ଭବ ଥିବାରୁ ଭତ୍ତା ପଇସା ଆସିବା ସମ୍ପର୍କରେ ସୂଚ଼ନା ସଂଗ୍ରହ କରିବା ସେମାନଙ୍କ ପାଇଁ ଅସମ୍ଭବ ବୋଲି କହିଥିଲେ । ଆଉ କେତେଜଣଙ୍କର ଆଧାର କାର୍ଡରେ ତୃଟି ଥିବା କିମ୍ବା ଆଧାର ଲିଙ୍କ ହୋଇନଥିବାରୁ ଭତ୍ତା ଆସୁନଥିବା କହିଥିଲେ । ଦୀର୍ଘ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ଗରିବ ଆଦିବାସୀ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କାରଣରୁ ଏହାର ସମାଧାନ ପାଇଁ ଯଥାଶୀଘ୍ର ଜିଲ୍ଲାପାଳକୁ ସାକ୍ଷାତ କରିବାପାଇଁ ନିଷ୍ପତ୍ତି ନେଇଥିଲେ । ଏହି ବୈଠକରେ ସମାଜସେବୀ ତଥା ଆଇନଜୀବୀ ଦୁର୍ଗା ପ୍ରସାଦ ତ୍ରିପାଠୀ ଙ୍କ ସମେତ ଗୋରାଖୁଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଏରା ପଡିଆମୀ, ପୂର୍ବତନ ସମିତି ସଭ୍ୟ ମୁକା ପଡିଆମୀ, ନାଏବ ସରପଞ୍ଚ କସା ମାଡକାମୀ, ଗାଙ୍ଗୀ ରାଓ୍ୱ, ରଶ୍ମିତା ପଡିଆମି, ନିବେଦିତା ସର୍‌ଦାର ପ୍ରମୁଖ ଯୋଗ ଦେଇଥିଲେ

## ଚିଲିକାରେ ପୁରନ୍ଦର ମିଶ୍ରଙ୍କର ଘମାଘୋଟ ପ୍ରଚାର



**ଭୁବନେଶ୍ୱର (ପିଏନ):** ଛତିଶଗଡ଼ ରାଜ୍ୟ ଭାରତୀୟ ଜନତା ପାର୍ଟି ତରଫରୁ ଓଡ଼ିଶାର ନିର୍ବାଚନ ପାଇଁ ନିଯୁକ୍ତ ସହ-ପ୍ରଭାରୀ ଏବଂ ରାୟପୁର ନଗର ଉତ୍ତରର ବିଧାୟକ ପୁରନ୍ଦର ମିଶ୍ର ଚିଲିକା ନିର୍ବାଚନ ମଣ୍ଡଳୀରେ ଘମାଘୋଟ ପ୍ରଚାର କରୁଥିବା ଜଣାଯାଇଛି । ଶ୍ରୀ ମିଶ୍ର, ଚିଲିକାର ବିଭିନ୍ନ ଅଞ୍ଚଳରେ

ପଥପ୍ରାନ୍ତ ସଭାମାନଙ୍କୁ ସମ୍ବୋଧନ ଓ ରୋଡ଼ଶୋରେ ଅଂଶ ଗ୍ରହଣ କରି ଦଳର ବିଧାନସଭା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଓ ଲୋକସଭା ପ୍ରାର୍ଥୀ ଡ଼ଃ ସମ୍ବିତ ପାତ୍ରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦାନକରି ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଶ୍ରୀ ମିଶ୍ରଙ୍କ ସହିତ ପ୍ରଚାର ଅଭିଯାନରେ ପ୍ରାର୍ଥୀ ଶ୍ରୀ ହରିଚନ୍ଦନ, ଦଳର ଓଡ଼ିଶାର ପ୍ରଭାରୀ ବିଜୟ ସିଂହ ତୋମାର ଏବଂ ସହ-ପ୍ରଭାରୀ ଲତା ଉଷେଣ୍ଡି ପ୍ରମୁଖ ସାମିଲ ଥିବାର ଦେଖା ଯାଇଥିଲା । ବିଭିନ୍ନ ସ୍ଥାନରେ ଉଦବୋଧନ ଦେଇ ଶ୍ରୀ ମିଶ୍ର ପାଖାପାଖି ୨୫ ବର୍ଷ ହେଲା ଓଡ଼ିଶାରେ ଅଣଓଡ଼ିଆଙ୍କର ରାଜୁତି ଚାଲିଥିବା କ୍ଷୋଭର ସହିତ ଦର୍ଶାଇଥିଲେ । ଓଡ଼ିଶା ଆଉ ପୂର୍ବର ଓଡ଼ିଶା ହୋଇନାହିଁ । ଏହା ତାମିଲନାଡୁ ପାଲଟି ଯାଇଥିବା ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ । ରାଜ୍ୟର ସଂସ୍କୃତି, ସଂସ୍କାର ଓ ଭାଷା ସଙ୍କଟାପନ୍ନ ଅବସ୍ଥାରେ ରହିଥିବା ସେ ସୁଚାଇଥିଲେ । ଏଠାକାର ମୁଖ୍ୟମନ୍ତ୍ରୀ ଆମର ସଂସ୍କୃତିର ପ୍ରତୀକ ଧୋତି ପିନ୍ଧିବା ବଦଳରେ ଲୁଙ୍ଗୀ ପିନ୍ଧୁଛନ୍ତି ବୋଲି ସେ କହିଥିଲେ । ଓଡ଼ିଶାକୁ ତାମିଲ ଦଖଲରୁ ଉଦ୍ଧାର କରି ନୂତନ ଏବଂ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଶ୍ରୀ ମିଶ୍ର ରାଜ୍ୟବ୍ୟାସୀଙ୍କୁ ଆହ୍ୱାନ ଜଣାଇଥିଲେ । ଏଠାରେ ବିଜେପିର ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା କରାଗଲେ ରାଜ୍ୟର କୃଷକ, ମହିଳା, ଯୁବସମ୍ପ୍ରଦାୟ ଏବଂ ଗରିବ ଗୁରୁବା ପ୍ରଗତିର ଶିଖର ସ୍ତରରେ ପହଁଚି ପାରିବେ ବୋଲି ଶ୍ରୀ ମିଶ୍ର ଦମ୍ଭ ପ୍ରକାଶ କରିଥିଲେ । ଓଡ଼ିଶାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ଜାଣିଥିବା, ରାଜ୍ୟବାସୀଙ୍କର ଦୁଃଖସୁଖରେ ଭାଗୀଦାର ହେଉଥିବା ଏବଂ ଓଡ଼ିଶାର ସଂସ୍କୃତି, ପରମ୍ପରା, ଖାଦ୍ୟପେୟ, ବେଶଭୂଷା ଓ ଚାଲିଚଳଣ ସହିତ ଓତଃ ପ୍ରୋତଃ ଭାବେ ପରିଚିତ ଥିବା ଦରକାର ବୋଲି ଶ୍ରୀ ମିଶ୍ର ସୁଚାଇଥିଲେ । ସୁତରାଂ ପଦ୍ମ ଫୁଲ ଚିହ୍ନରେ ଦୁଇଥର ଭୋଟ ଦାନକରି କେନ୍ଦ୍ରରେ ବିକାଶ ପୁରୁଷ ନରେନ୍ଦ୍ର ମୋଦିଙ୍କୁ ଏବଂ ରାଜ୍ୟରେ ବିଜେପିର ଜଣେ ଖାଣ୍ଟି ଓଡ଼ିଆଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଗାଦିସୀନ କରିବାକୁ ପୁରନ୍ଦର ମିଶ୍ର ଆଗ୍ରହ ପ୍ରକାଶ କରିଥିଲେ । ଏହି ଅବସରରେ ନିଜର ବକ୍ତବ୍ୟ ରଖି ବିଧାନସଭା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଚିଲିକାର ସର୍ବାଙ୍ଗୀନ ଉନ୍ନୟନ କରିବା ପାଇଁ ତାଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ । ସେ ବିଧାୟକ ଭାବେ ନିର୍ବାଚିତ ହେଲେ ଚିଲିକା ଉପରେ ସେତୁ ନିର୍ମାଣ କରିବା, ଗରୀବ ଗୁରୁବା ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପକ୍କାଘର ଯୋଗାଇ ଦେବା, ଚିଲିକାର ପରିବେଶକୁ ସୁରକ୍ଷିତ ରଖିବା ଓ ଏଠାକାର ମତ୍ସ୍ୟଜୀବୀ

ମାନଙ୍କର ଜୀବନ ଓ ଜୀବିକାକୁ ପ୍ରୋତ୍ସାହନ ଦେବା ଦିଗରେ ଅଗ୍ରାଧିକାର ଭିତ୍ତିରେ ଧ୍ୟାନ ଦେବେ ବୋଲି ସୁଚାଇ ଥିଲେ ।

## ମଞ୍ଜୁରୀରୋଡ ବିଦ୍ୟାଧରସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ, ସେମିରେ ବାସୁଦେବପୁର ଉତ୍କଳିକା

ଭଦ୍ରକ, (ପିଏନ)- ମଞ୍ଜୁରୀରୋଡ ଡାକ୍ତରଖାନା ପଡିଆରେ ୨୯ତମ ବିଦ୍ୟାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ବାସୁଦେବପୁର ଉତ୍କଳିକା ଓ କଟକ ଆରସିସି ୟଙ୍ଗଷ୍ଟାର ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଉତ୍କଳିକା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନ ସ୍କୋର କରିଥିଲା । ବ୍ୟାଟ୍ସମ୍ୟାନ ଦିବ୍ୟଜ୍ୟୋତି ପଣ୍ଡା ୨୨ ବଲ ରେ ୩୨ ରନ ଓ ମାନସ ମୁଦୁଲି ୧୯ ବଲ ରୁ ୨୬ ରନ ସ୍କୋର କରିଥିଲେ । ବିପକ୍ଷ ଦଳର ବୋଲର ରଇତ ଦେବ ୪ ଓଭର ବୋଲିଂ କରି ୨୫ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ୟଙ୍ଗଷ୍ଟାର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୨୬ ସ୍କୋର କରି ପରାଜିତ ହୋଇଥିଲା । ବ୍ୟାଟ୍ସମ୍ୟାନ ରଇତ ଦେବ ୧୭ ବଲ ରୁ ୨୭ରନ ଓ ସୁଭ୍ରାଂଶୁ ସାମଲ ୩୧ ବଲ ରୁ ୨୬ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଉଦୟ ଜେଓା ୪ ଓଭର ବୋଲିଂ କରି ୨୩ ରନ ଦେଇ ୪ ଉଇକେଟ ଓ ଉପେନ୍ଦ୍ର ନାୟକ ୪ ଓଭର ବୋଲିଂ କରି ୨୫ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ । ଉଦୟ ଜେଓା ମ୍ୟାନ ଅଫ ଦି ମ୍ୟାଚ ବିଜେତା ହୋଇଥିଲେ । ବିଜୟ ଶତପଥି ମ୍ୟାଚ ରେଫରୀ ଦାଇତ୍ୱ, ଶରତ ଚନ୍ଦ୍ର ଜେନା ଓ ସଞ୍ଜୟ ଶତପଥି ଅମ୍ପାୟାର ଦାଇତ୍ୱ ତୁଲାଇଥିଲେ । ସେହିପରି ଶ୍ରୀକାନ୍ତ ଖଣ୍ଡାଇ, ନରେନ୍ଦ୍ର ଜେନା ଓ ପ୍ରତ୍ୟୁଷ ଭାଷ୍ୟକାର ଓ ଏବଂ ଅଜୟ କୁମାର ବାରିକ ଓ ତନୁଜ କୁମାର ବେହେରା ସ୍କୋରର ଦାଇତ୍ୱ ତୁଲାଇଥିଲେ । ବୁଧବାର ଭଦ୍ରକ ୟୁନିକ ଏକାଦଶ ଓ କେନ୍ଦ୍ରପଡା ବାଲାବାବା ମଧ୍ୟରେ ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।




# ଖେମଜୀ ଜୁଏଲର୍ସ ତାହାର କଟକ ଷ୍ଟୋର୍‌ର ୧୩ତମ ବାର୍ଷିକ ପୂର୍ତ୍ତି ଉତ୍ସବକୁ ସ୍ୱତନ୍ତ୍ର ଅଫର୍ ସହିତ ପାଳନ କରୁଛି

**କଟକ:** ଖେମଜୀ ଜୁଏଲର୍ସ ତାହାର କଟକ ଷ୍ଟୋର୍‌ର ୧୩ତମ ବାର୍ଷିକ ପୂର୍ତ୍ତି ସମ୍ପର୍କରେ ଆନନ୍ଦ ଓ ଉତ୍ସାହର ସହିତ ଘୋଷଣା କରୁଛି। ଏହି ସ୍ୱତନ୍ତ୍ର ଅବସରକୁ ପାଳନ କରିବା ପାଇଁ ଖେମଜୀ ଜୁଏଲର୍ସ ୨୦୨୪ ମେ ୨୨ ତାରିଖରୁ ମେ ୨୬ ତାରିଖ ପର୍ଯ୍ୟନ୍ତ ବହୁବିଧ ସ୍ୱତନ୍ତ୍ର ରିହାତି ଅଫର୍ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଗହଣା ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୩୦% ଛାଡ, ହୀରା ଗହଣା ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୨୦% ଛାଡ ଏବଂ ଓଜନିଆ ରୂପା ଜିନିଷର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୨୦% ଛାଡ ପାଇବେ। ଏହି ବର୍ଷପୂର୍ତ୍ତି ଉତ୍ସବ ପାଳନ ଖେମଜୀ ଜୁଏଲର୍ସର ସୁଦୀର୍ଘ ପରମ୍ପରା ଏବଂ ଉତ୍କର୍ଷ ନିମନ୍ତେ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଦୀର୍ଘ ୮୮ ବର୍ଷର ସମୃଦ୍ଧ ଐତିହ୍ୟକୁ ନେଇ ଖେମଜୀ ଜୁଏଲର୍ସ ଅତି ନିଖୁଣ କାରିଗରୀ ଏବଂ ଅତୁଳନୀୟ ଗୁଣବତ୍ତା ସହିତ ଏକ ସୁପରିଚିତ ନାମ ହୋଇଛି। ବିଶେଷକରି ଏହାର କଟକ ଷ୍ଟୋର୍ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ବିଶ୍ୱାସ ଓ ସୌନ୍ଦର୍ଯ୍ୟର ପ୍ରତୀକ ହୋଇଛି, ଯାହା ପ୍ରତ୍ୟେକଟି ଅବସର ଏବଂ ପସନ୍ଦକୁ ଖାପ ଖୁଆଇବା ଭଳି ବହୁବିଧ ବର୍ଗର ଗହଣା ଯୋଗାଇ ଦେଉଛି। ଶ୍ରୀ ମିତେଶ ଖେମଜୀ,



ଡାଇରେକ୍ଟର, ଖେମଜୀ ଜୁଏଲର୍ସ ଏହି ମାଇଲଖୁଣ୍ଟ ନିମନ୍ତେ ନିଜର କୃତଜ୍ଞତା ପ୍ରକାଶ କରି କହିଛନ୍ତି, "ଆମ କଟକ ଷ୍ଟୋର୍‌ର ୧୩ତମ ବର୍ଷ ପୂର୍ତ୍ତି ଆମ ମାନଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହୋଇଛି। ଆମେ ଅତ୍ୟନ୍ତ ଗଭୀରତାର ସହିତ ଆମ ଗ୍ରାହକମାନେ ଏହି ବର୍ଷଗୁଡିକରେ ଆମ ପ୍ରତି ରଖିଆସିଥିବା ବିଶ୍ୱାସ, ପ୍ରତିବଦ୍ଧତା ଓ ସମର୍ଥନକୁ ପ୍ରଶଂସା କରୁଛୁ। ଏହି ଅନନ୍ୟ ଅବସର ପାଳନ କରିବା ନିମନ୍ତେ ଆମେ ଆମ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଆନନ୍ଦ ଓ ଉତ୍ସାହର ସହିତ ସ୍ୱତନ୍ତ୍ର ରିହାତି ଅଫର୍ ପ୍ରଦାନ କରୁଛୁ। ଖେମଜୀ ଜୁଏଲର୍ସରେ ଆମେ ଅତୁଳନୀୟ ମୂଲ୍ୟ ଏବଂ ଏକ ସ୍ମରଣୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛୁ, ଯାହା ଆମ ଗ୍ରାହକଙ୍କର ଆବଶ୍ୟକତା ଏବଂ ସେମାନଙ୍କର ପସନ୍ଦକୁ ଆମେ ସର୍ବାଗ୍ରେ ସ୍ଥାନିତ କରିବା ସୁନିଶ୍ଚିତ କରୁଛି।"

ଖେମଜୀ ଜୁଏଲର୍ସର ଗୁଣବତ୍ତା ଏବଂ ଗ୍ରାହକ ସନ୍ତୁଷ୍ଟି ନିମନ୍ତେ ଏକନିଷ୍ଠ ଉତ୍ସର୍ଗୀକୃତ ଭାବ ତାହାର ସ୍ଥିତିକୁ ଓଡ଼ିଶାରେ ସର୍ବାଧିକ ବିଶ୍ୱସନୀୟ ଜୁଏଲର ଭାବରେ ସୁଦୃଢ଼ କରିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆଠଟି ରଣକୌଶଳାତ୍ମକ ଭାବରେ ଅବସ୍ଥିତ ଷ୍ଟୋରଗୁଡିକ ସହିତ ଖେମଜୀ ଜୁଏଲର୍ସ ନିଜ ଗହଣାଗୁଡିକରେ ଚିରନ୍ତନ ସୌନ୍ଦର୍ଯ୍ୟ ଏବଂ ଉଚ୍ଚକୋଟୀର କାରିଗରୀ ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କର ଶ୍ରେଷ୍ଠ ପସନ୍ଦ ହୋଇଛି। ଏହି ଉତ୍ସବ ପାଳନ କେବଳ ଆଉ ଗୋଟିଏ ବର୍ଷକୁ ନେଇ ଆଗକୁ ବଢ଼ିବା ନୁହେଁ, ବରଂ ତାହାସହିତ ଆଗ ଗ୍ରାହକମାନେ ଆକାଂକ୍ଷା ରଖୁଥିବା ଅତୁଳନୀୟ ମୂଲ୍ୟ ଏବଂ ଅନନ୍ୟ ସେବା ଯୋଗାଇଦେବାକୁ ଆମର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରୁଛି। ଆମେ ଆମ ଜନସମୁଦାୟଙ୍କୁ ଆଗାମୀ ଅନେକ ବର୍ଷ ଧରି ଅତି ସୁନ୍ଦର ଗହଣା ଏବଂ ଏକ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରିବାର ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖୁଛୁ।

# ଅଲ୍ ଓଡିଶା ଓବିସି ମଂଚର ସଭାପତି ଅନାଦି ଚରଣ ସାହୁଙ୍କ କଂଗ୍ରେସରେ ଯୋଗଦାନ

**କେନ୍ଦ୍ରାପଡ଼ା, (ପିଏନ):** ଆଜି ଅଲ୍ ଓଡିଶା ଓବିସି ମଂଚର ସଭାପତି ଅନାଦି ଚରଣ ସାହୁ ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ଏହି ଅବସରରେ ଆଜି କେନ୍ଦ୍ରାପଡା ଲୋକସଭା ପାର୍ଥି ଯୁବ ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ କେନ୍ଦ୍ରାପଡା କଜଳାସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ଅଲ୍ ଓଡିଶା ଓବିସି ମଂଚର ସଭାପତି ଅନାଦି ଚରଣ ସାହୁଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିବା ସହ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ। ଇଂ ଦାଶ କହିଲେ ଯେ ଶ୍ରୀ ସାହୁଙ୍କ ଯୋଗଦାନ ଦଳର ବିଶେଷକରି କେନ୍ଦ୍ରାପଡା ଜିଲ୍ଲାର ସଂଗଠନକୁ ମଜବୁତ କରିବ। କଂଗ୍ରେସ ସରକାରକୁ ଆସିଲେ ସାମାଜିକ, ଅର୍ଥନୈତିକ ଏବଂ ଜାତି ଜନଗଣନା କରିବ। ଶ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ କି ମୁଁ ସର୍ବଦା କଂଗ୍ରେସର ନୀତି ଆଦର୍ଶକୁ ଭଲପାଏ। ବିଜେଡ଼ି ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ ମଧ୍ୟ କଂଗ୍ରେସ ଦଳ ପ୍ରତି ଥିବା ମୋର ଦୁର୍ବଳତା ଓ ଭଲପାଇବା ଯୋଗୁଁ ଏବଂ ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗଦେଲି। କେନ୍ଦ୍ର ଓ ରାଜ୍ୟରେ ଥିବା ବିଜେପି ଓ ବିଜେଡି ସରକାର ସାଧାରଣ ଜନତାଙ୍କୁ ମିଛ ପ୍ରତିଶୃତି ଦେଇ ପ୍ରତାରଣା କରିଚାଲିଛନ୍ତି। ବିଶେଷ କରି ୨୪ ବର୍ଷର ବିଜେଡି ସରକାର ଓବିସି ବର୍ଗଙ୍କ ପାଇଁ ରାଜ୍ୟରେ କିଛି କରିନାହିଁ। ପିସିସି ଉପସଭାପତି ତଥା କେନ୍ଦ୍ରାପଡା ଜିଲ୍ଲା ପ୍ରଭାରୀ ଶ୍ରୀ ମାନସ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଲୋକସଭା ପ୍ରଚାର କମିଟି ଉପାଧ୍ୟକ୍ଷ ଉଦୟଭାନୁ ପଢ଼ିହାରି, ଯୁବନେତା ସତ୍ୟପ୍ରିୟ ସାମଲ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଶତପ୍ରତିଶତ ହୋମ୍ ଭୋଟିଂ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିବେଦନ

## ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷା ସହ ୧୦୨୭ ଭୋଟର୍ ହୋମ୍ ଭୋଟିଂରେ ମତଦାନ ଦେବେ

**କେନ୍ଦ୍ରାପଡ଼ା, (ପିଏନ):**ଭୋଟ୍‌ଗ୍ରହଣର ଗୋପନୀୟତାକୁ ଭଙ୍ଗ ନକରି ଆସନ୍ତାକାଲିଠୁ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି ହୋମ୍ ଭୋଟିଂ। ମେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଭୋଟ୍‌ଗ୍ରହଣ ଜିଲ୍ଲାରେ ଜାରି ରହିବ। ଏ ନେଇ ଜିଲ୍ଲା ପରିଷଦ ସମ୍ମିଳନୀ ସଭାକକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ପୋଲିଂ ଅଧିକାରୀ, ମାଇକ୍ରୋ ଅବଜରଭର୍‌ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତ ପ୍ରତିଶତ ହୋମ୍ ଭୋଟିଂ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି। ଭଦ୍ର ଓ ଶାଳୀନ ବ୍ୟବହାର ସହ ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷା କରି ଭୋଟଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦ୍ରାପଡ଼ା ଲୋକସଭା ଆସନ ସମେତ ୯୬-ପାଟପୁରା, ୯୭-କେନ୍ଦ୍ରାପଡ଼ା, ୯୮-ଆଳି, ୯୯-ରାଜନଗର, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହୋମ୍ ଭୋଟିଂ ଗ୍ରହଣ କରାଯିବ। ପୂର୍ବରୁ ସଠିକ୍ ଫର୍ମ ପୂରଣ କରି ହୋମ୍ ଭୋଟିଂ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ଥିବା ଭୋଟରମାନେ ଏଥିରେ ଅଂଶଗ୍ରହଣ କରିବେ। କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରର ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ବର୍ଗରେ ମୋଟ୍ ୨୩୪ ଜଣ ଓ ୮୫ ବର୍ଷରୁ ଅଧିକ ବର୍ଗରେ ୭୯୩ଜଣ ଭୋଟ୍ ଦେବେ। ଏହା ସହ ଜୁନ୍ ୧ ତାରିଖରେ ପୋଲିଂ ଡ୍ୟୁଟିରେ ଥିବା କର୍ମଚାରୀମାନଙ୍କ ଭୋଟ୍ ଗ୍ରହଣ ମଧ୍ୟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ପୋଲିଂ ପର୍ସୋନେଲ୍‌ମାନଙ୍କ ପାଇଁ ୨୪ ତାରିଖରୁ ଆରମ୍ଭ ହେଉଥିବା ଏହି ଭୋଟ୍ ଗ୍ରହଣ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଡେରାବିଶର ସୁଦର୍ଶନ ଉଚ୍ଚବିଦ୍ୟାଳୟ, ଇଚ୍ଛାପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ ହେବାକୁ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ସମୟରେ ୬୯୨୪ଜଣ ପୋଲିଂ କର୍ମଚାରୀ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ଭୋଟ ଦେବେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ବିସ୍ତୃତଭାବେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସିଡିଓ ତଥା ଇଓ ଦୟାସିନ୍ଧୁ ପରିଡ଼ା, ପଟ୍ଟାମୁଣ୍ଡାଇ ମୁନିସିପାଲିଟିର ଇଓ ଅଜିତ୍ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଆଦ୍ୟାଶା ରଥ, ମହାକାଳପଡ଼ାର ଅତିରିକ୍ତ ତହସିଲଦାର ଶାନ୍ତିଲତା ହେମ୍ବ୍ରମ୍, ଗରଦପୁରର ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆସିଷ୍ଟାଂଟ୍ କଲେକ୍ଟର ତ୍ରିଭୁବନ ଜୟସିଂ, ସମସ୍ତ ମାଇକ୍ରୋ ଅବଜରଭର, ପୋଲିଂ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାମନ୍ତରାପୁରଠାରେ ବରୀ କଂଗ୍ରେସ କର୍ମୀ ବୈଠକ

**ଧର୍ମଶାଳା,(ପିଏନ):** କିଛି ଦିନ ପରେ ସାଧାରଣ ନିବା;ଚନ ଅନୁଷ୍ଠିତ ହେବ। ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଯାଜପୁର ଜିଲା ବରୀ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ନାୟକ ଏବେ କର୍ମୀମାନଙ୍କୁ ନେଇ ସଂଗଠନ ଜୋରଦାର କରି ନିର୍ବାଚନ ଲଢ଼ିବାକୁ ଯାଉଛି। ଏହି କ୍ରମରେ ଆଜି ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତର ବରିଷ୍ଠ ଓ ଯୁବ କର୍ମୀମାନଙ୍କୁ ନେଇ ସାମନ୍ତରାପୁର ପଂଚାୟତସ୍ଥ ଶିଖ୍‌ଚିଲ୍ଲାବାଗ୍ ମଠ ପରିସରରେ ଏକ କର୍ମୀ ବୈଠକରେ ଯୋଗ ଦେଇ ଗୁରୁମନ୍ତ୍ର ଦେଇଥିଲେ। ନିର୍ବାଚନ ପୂର୍ବରୁ ଘର ଘର ବୁଲି କଂଗ୍ରେସ ସପକ୍ଷରେ ଭୋଟ ଭିକ୍ଷା କରିବା ସହ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ର,ରସୁଲପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଡ. ରୁଦ୍ରନାରାୟଣ ପୃଷ୍ଟି,ରାଜ୍ୟ ସଂଖ୍ୟାଲଘୁ ବିଭାଗ ସାଧାରଣ ସମ୍ପାଦକ ସେକ୍ ଆବୁ ସାଏମାଙ୍କ ସମେତ ୧୦ଗୋଟି ପଂଚାୟତର ପୂର୍ବତନ ସରପଂଚ,ପୂର୍ବତନ ସମିତିସଭ୍ୟ ଓ ବରିଷ୍ଠ ନେତା ଓ ଯୁବନେତା ପ୍ରମୁଖ ସାମିଲ ହୋଇ ଏହି ସାଧାରଣ ନିର୍ବାଚନ ଲଢ଼ିବାକୁ କଂଗ୍ରେସ ପ୍ରସ୍ତୁତ ରହିଛି ବୋଲି ମତବ୍ୟକ୍ତ କରିଥିଲେ।

# ୬ନମ୍ବର ଜୋନରେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱରଙ୍କ ବିଶାଳ ଶୋଭାଯାତ୍ରା

**କେନ୍ଦ୍ରାପଡ଼ା, (ପିଏନ):** କେନ୍ଦ୍ରାପଡା ଜିଲ୍ଲା ପରିଷଦର ୬ନମ୍ବର ଜୋନ୍‌ରେ ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳା ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଏକ ବିଶାଳ ଶୋଭାଯାତ୍ରାରେ ଆଜି ଭୋଟ ପ୍ରଚାର କରିଛନ୍ତି। ସକାଳ ପ୍ରାୟ ୧୦ଟାରେ ଏହି ବିଶାଳ ଶୋଭାଯାତ୍ରା ଗୁଲନଗର ପଂଚାୟତର ଚଟିପୋଲ ନିକଟରୁ ବାହାରି କପାଳେଶ୍ୱର ପଂଚାୟତର ଗରାପୁର ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ, ଗୋପ, ଦୁତିଆଳ, ଶ୍ୟାମସୁନ୍ଦରପୁର, ଭରତପୁର, ମେହେନ୍ଦିପୁର, ନରିଲୋ, ଚକ୍ରୋଡା, ଜମଧର, କଷୋଟି, ବଡଗାଁ, ସାନଗାଁ ଓ ବଣହରା ଦେଇ ଭାଗବତପୁରର ପଂଚାୟତର ବାଲିଆଠାରେ ଅପରାହ୍ନ ୨ଟାରେ ପହଂଚିଥିଲା। ଏହି ଶୋଭାଯାତ୍ରା ବିଭିନ୍ନ ପଂଚାୟତ ଓ ଗ୍ରାମ ଦେଇ ଯିବା ସମୟରେ ପ୍ରତ୍ୟେକ ଗ୍ରାମରେ ଲୋକମାନେ ଫୁଲତୋଡା, ଫୁଲହାର, ଉତରୀୟ ଏବଂ ଫୁଲ ଚନ୍ଦନ ଦେଇ ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରାର୍ଥୀମାନେ ଶୋଭାଯାତ୍ରାର ବିଭିନ୍ନ ସ୍ଥାନରେ ଭୋଟରମାନଙ୍କୁ ଯୋଡି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଜାରି ରଖିବା ପାଇଁ ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ଯୋଡିଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଏହି ଅବସରରେ ନିବେଦନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ୬ନମ୍ବର ଜିଲ୍ଲା ପରିଷଦ ଜୋନ୍‌ର ବରିଷ୍ଠ ବିଜେଡି ନେତା ପ୍ରଦୀପ୍ତ ମହାନ୍ତି, ପୂର୍ବତନ ସମିତିସଭ୍ୟ ଶିବପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଗୁଲନଗର ପଂଚାୟତର ପୂର୍ବତନ ସରପଂଚ ଲୋପାମୁଦ୍ରା ବାରିକ ଓ ପୀତବାସ ବେହେରା, ଗୁଲନଗର ପଂଚାୟତ ବିଜୁ ଜନତା ଦଳ ସଭାପତି ସୁଶାନ୍ତ ଦାଶ, ରାଜୁ କୁବେର, ତ୍ରିଲୋଚନ ଦାସ, ରବୀନ୍ଦ୍ର ସାହୁ, ପୂର୍ବତନ ପୌରଉପାଧ୍ୟକ୍ଷ ସବିତା ସାହୁ, ଭରତପୁର ସରପଂଚ ନୀଳାମ୍ବର ମଲ୍ଲିକ, ଶ୍ୟାମସୁନ୍ଦରପୁର ପଂଚାୟତ ସରପଂଚ ଅଙ୍କୁର ସେଠୀ, ସମିତିସଭ୍ୟା ଉର୍ମିଳା ସେଠୀ, ପୂର୍ବତନ ସରପଂଚ ଶାରଦା ପ୍ରସନ୍ନ ରାଉତ, ଶାରଦା ରାଉତ(କୁନା), ସୁମିତ୍ରା ପାଢ଼ୀ, ମିନତୀ ପରିଡା, ଭରତପୁର ପଂଚାୟତର ପୂର୍ବତନ ସରପଂଚ ଜିନତ୍ ପ୍ରିୟଦର୍ଶିନୀ, ଅକ୍ଷୟ ମନ୍ତ୍ରୀ, ବିଶ୍ୱଜିତ ସାମଲ, ପୂର୍ବତନ ସମିତି ସଭ୍ୟ ହେମନ୍ତ ବିଶ୍ୱାଳ, ଚକ୍ରୋଡା ସରପଂଚଙ୍କ ପ୍ରତିନିଧି ନିରଞ୍ଜନ ନାୟକ, ପ୍ରଣତି ବେହେରା, ରମାକାନ୍ତ ରାଉତ, ଦିଲ୍ଲୀପ ମହାନ୍ତି, ଅନନ୍ତ ଜେନା, ଦୋଳଗୋବିନ୍ଦ ସାମଲ, ପୂର୍ବତନ ସରପଂଚ ବସନ୍ତ କୁମାର ରାଉତ, ପଂଚାୟତ ବିଜେଡି ସଭାପତି ଗୌରାଙ୍ଗ ଚରଣ ଲେଙ୍କା, ଜମଧର ସରପଂଚ ରାଜକିଶୋର ଖୁଂଟିଆ, ସମିତିସଭ୍ୟ ଦେବାଶିଷ ଦାସ, ଅର୍ଜୁନି ସେଠୀ, ପୂର୍ବତନ ସରପଂଚ ଅଭିମନ୍ୟୁ ମହାନ୍ତି, ସେକ୍ ଅରମାନ୍, ସେକ୍ ଲିୟାକତ୍, ଜିତେନ୍ଦ୍ର ମହାନ୍ତି, ପଂଚାୟତ ସଭାପତି ଦାମୋଦର ଜେନା, ଭାଗବତପୁର ପଂଚାୟତ ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, ସମିତିସଭ୍ୟା ପ୍ରମିଳା ମିଶ୍ର ଓ ପୂର୍ବତନ ସରପଂଚ ଧରଣୀଧର ଦାସ, ପରିବେଶବୀତ ନାରାୟଣ ପତି, ପଂଚାୟତ ସଭାପତି ଧିରେନ ସ୍ୱାଇଁ, ପ୍ରମୋଦ ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, କାର୍ତ୍ତିକ ନାୟକ, ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ମହାନ୍ତି, ସୁବାଷ ସେଠୀ ପ୍ରମୁଖ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ବାଇକ ଚଳାଇ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଦଳର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଯୋଡିଶଙ୍ଖ ଚିହ୍ନରେ ଆଗାମୀ ଜୁନ ୧ତାରିଖରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଲୋକମାନଙ୍କୁ ନିବେଦନ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0574) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ ASTROLOGERS/ VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଗ୍ରୋଥ୍ ସିଲ୍ଡ ପ୍ଲସ୍‌ର ଶୁଭାରମ୍ଭ

**ଭୁବନେଶ୍ୱର:** ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଭାରତୀ ଆକ୍ସା ଗ୍ରୋଥ୍ ସିଲ୍ଡ ପ୍ଲସ୍‌ର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ୟୁନିଟ୍ ଲିଙ୍କଡ୍ ବୀମା ଯୋଜନା ଯାହାକୁ ବଜାର ଲିଙ୍କ୍ ସହିତ ବାର୍ଷିକ ପ୍ରିମିୟମ୍‌ର ୧୦୦ ଗୁଣା ପର୍ଯ୍ୟନ୍ତ ବୀମା ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହା ଗ୍ରାହକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ନିବେଶ ଲକ୍ଷ୍ୟ ଏବଂ ବଜାର ବିପଦ ଗ୍ରହଣ କରିବାର ଶକ୍ତି ଅନୁସାରେ ବିବିଧ ବିକଳ୍ପ ମଧ୍ୟରୁ ନିବେଶ ରଣନୀତି ଚୟନ କରିବାର ନମନୀୟତା ପ୍ରଦାନ କରୁଛି। ବଢ଼ୁଥିବା ଅଭିଳାଷ ଏବଂ ବ୍ୟକ୍ତିଗତ ଓ ବୃତିଗତ ଲକ୍ଷ୍ୟ ହାସଲ ପାଇଁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ନିବେଶ ମାଧ୍ୟମରେ ଲୋକମାନଙ୍କୁ ସମ୍ପତି ହାସଲ କରିବାରେ ସହାୟକ ହେବ। ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ମଧ୍ୟ ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛି ଯେପରିକି ଚାର୍ଜ ଫେରସ୍ତ ଏବଂ ପାଣ୍ଠି ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଲୟାଲ୍‌ଟି ଲାଭ। ଏହି ପ୍ଲାନ ଚୟନ କରିଥିବା ବ୍ୟକ୍ତିଙ୍କୁ ପ୍ରିମିୟମ ଆବଂଟନ ଚାର୍ଜର ଦୁଇ ଗୁଣ ଏବଂ ମୋର୍ଟାଲିଟି ଚାର୍ଜର ତିନି ଗୁଣ ପର୍ଯ୍ୟନ୍ତ ରିଟର୍ଣ୍ଣ ମିଳିବ। ଏହାବ୍ୟତୀତ ଗ୍ରାହକମାନେ ଆୟକର ଆଇନ ୧୯୬୧ ଅଧୀନରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯାଇଥିବା ପ୍ରିମିୟମ ଉପରେ ଟିକସ ସୁବିଧା ମଧ୍ୟ ପାଇପାରିବେ। ଆବଶ୍ୟକ ମାନଦଣ୍ଡ ପୂରଣ କରୁଥିବା ଗ୍ରାହକଙ୍କ ପାଇଁ ଏହି ଉତ୍ପାଦ ଉପଲବ୍ଧ। ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ମୁରଲୀ ଜାଲାନ କହିଛନ୍ତ ଯେ, "ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ଶୁଭାରମ୍ଭ କରି ଆମେ ଆନନ୍ଦିତ। ଏହି ପ୍ଲାନ୍ ହେଉଛି ଆମର ଏକ ଅନନ୍ୟ ପ୍ରସ୍ତାବ ଯାହା ଗ୍ରାହକମାନଙ୍କୁ ଟର୍ମ ପ୍ଲାନ୍ ଏବଂ ୟୁଲିପିର ମିଳିତ ଲାଭ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ନୂତନ ଉତ୍ପାଦ ଆରମ୍ଭ କରିବା ପଛରେ ଆମର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ସେମାନଙ୍କ ପରିବାର ପାଇଁ ଆର୍ଥିକ ନିରାପତା ସୃଷ୍ଟି କରିବାରେ ସକ୍ଷମ କରିବା ଏବଂ ସେମାନଙ୍କୁ ଦୀର୍ଘକାଳୀନ ଭାବେ ସମ୍ପତି ବୃଦ୍ଧି କରିବାକୁ ସଶକ୍ତ କରିବା। ଗ୍ରାହକଙ୍କୁ ୟୁଲିପ୍ ଏବଂ ଟର୍ମ ପ୍ଲାନ୍ ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼ିବ ନାହିଁ, କାରଣ ଏହି ଉତ୍ପାଦ ଉଭୟ ସୁବିଧା ପ୍ରଦାନ କରୁଛି।" ଭାରତୀ ଆକ୍ସା ଲାଇଫର ଏହି ନୂଆ ଯୋଜନାରେ "ଉଭୟ ଦୁନିଆର ଶ୍ରେଷ୍ଠ" ଚିନ୍ତାଧାରା ରହିଛି ଯେଉଁଥିରେ ଗୋଟିଏରେ ନିବେଶ କରିବା ଏବଂ ଦୁଇଟିର ଲାଭ ପାଇବାର ଧାରଣା ରହିଛି।

# ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ସାଇନ୍ ୧୦୦ର ପ୍ରଥମ ବର୍ଷ ପୂର୍ତ୍ତି ପଳନ



**ଭୁବନେଶ୍ୱର:** ଦେଶର ଅଗ୍ରଣୀ ଦୁଇଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ସାଇନ୍ ୧୦୦ର ପ୍ରଥମ ବର୍ଷ ପୂର୍ତି ପାଳନ କରାଯାଇଛି। ଉନ୍ମୋଚନ ହେବାର ଏକ ବର୍ଷ ମଧ୍ୟରେ ସାଇନ୍ ୧୦୦ରେ ଲୋକମାନଙ୍କ ହୃଦୟ ଜିତିପାରିଛି ଏବଂ ଏଂଟ୍ରି ସ୍ତରର ମୋଟରସାଇକଲ୍ ବର୍ଗରେ ନିଜକୁ ପ୍ରମୁଖ ପସନ୍ଦରେ ପରିଣତ କରିପାରିଛି। ଏହି ମୁହୂର୍ତ୍ତକୁ ପାଳନ କରିବା ପାଇଁ ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ସାରା ଦେଶରେ ସାଇନ୍ ୧୦୦ର ମେଗା ଡେଲିଭରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ବର୍ତ୍ତମାନ ସୁଦ୍ଧା ୩ ଲକ୍ଷରୁ ଅଧିକ ହୋଣ୍ଡା ସାଇନ୍ ୧୦୦ ବିକ୍ରି ହୋଇଛି। ଫଳରେ ୧୦୦-୧୧୦ ସିସି ବର୍ଗରେ ୨୦୨୩-୨୪ ଆର୍ଥିକ ବର୍ଷରେ ଏଚ୍‌ଏମ୍‌ଏସ୍‌ଆଇ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହାର ସମସାମୟିକ ଡିଜାଇନ୍, ଭରସାଯୋଗ୍ୟ ପ୍ରଦର୍ଶନ, ଉତ୍କୃଷ୍ଟ ଇନ୍ଧନ ଦକ୍ଷତା, ଆକର୍ଷଣୀୟ ଭାଲ୍ୟୁ ଫର ମନି ପାଇଁ ଏହା ବେଶ୍ ଲୋକପ୍ରିୟତା ହାସଲ କରିଥିବା ବେଳେ ପ୍ରଥମ ଥର ମୋଟରସାଇକଲ୍ କିଣୁଥିବା ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଛି। ପୁନଶ୍ଚ, ଏଚ୍‌ଏମ୍‌ଏସ୍‌ଆଇର ୬୦୦୦ରୁ ଅଧିକ ବ୍ୟାପକ ସେଲ୍‌ସ ଓ ସର୍ଭିସ୍ ନେଟ୍‌ୱର୍କ ଭାରତର ଉଭୟ ଗ୍ରାମାଂଚଳ ଓ ସହରାଂଚଳ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଶ୍ରୀ ସୁସୁମୁ ଓଟାନି କହିଛନ୍ତି ଯେ, "ଆମେ ଆନନ୍ଦର ସହ ଘୋଷଣା କରୁଛୁ ଯେ ହୋଣ୍ଡା ସାଇନ୍ ୧୦୦ ପ୍ରଥମ ବର୍ଷ ପୂର୍ତି ପାଳନ କରିଥିବା ବେଳେ ଗ୍ରାହକଙ୍କ ଜବରଦସ୍ତ ପ୍ରତିକ୍ରିୟା ହାସଲ କରିଛି ଯାହା ସୁଲଭ ଓ ଭରସାଯୋଗ୍ୟ ଉତ୍ପାଦ ପ୍ରଦାନ କରିବାରେ ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି। ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ମୂଲ୍ୟ ଏବଂ ଶାନ୍ତିପୂର୍ଣ୍ଣ ମାଲିକାନା ଅନୁଭୂତି ପ୍ରଦାନ କରିବା ଲାଗି ହୋଣ୍ଡାର ରହିଥିବା ପ୍ରତିବଦ୍ଧତାର ଏହା ପ୍ରତିଫଳନ। ଗ୍ରାହକଙ୍କ ଆଶାକୁ ଅତିକ୍ରମ କରୁଥିବା ଉତ୍ପାଦ ଉପରେ ଆମେ ଗୁରୁତ୍ୱ ଦେବା ଜାରି ରଖିବୁ ଏବଂ ଭାରତୀୟ ବଜାରରେ ଆମ ଉପସ୍ଥିତିକୁ ସୁଦୃଢ଼ କରିବୁ।"




# ଦୁର୍ଘଟଣାରେ ଅଧ୍ୟାପିକାଙ୍କ ପରଲୋକ



**ବଡ଼ଚଣା,(ପିଏନ):** ବଡଚଣା ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମର ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ସ୍ୱାଗତିକା ରାଉତ( ୪୭) ଗତକାଲି ସନ୍ଧ୍ୟାରେ କଲେଜରୁ ସ୍କୁଟରରେ ଫେରୁଥିବା ସମୟରେ ଚଣ୍ଡିଖୋଲ ନିକଟରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଦେଖି ଆମ୍ବୁଲାନ୍ସ ଡକାଇ ଘରୋଇ ଡାକ୍ତରଖାନାରେକୁ ପଠାଇ ଥିଲେ । ସେଠାରେ କିଛି ସମୟ ଚିକିତ୍ସା ପରେ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଖବର ପାଇ କଲେଜର ପ୍ରିନ୍ସିପାଲ , ଅଧ୍ୟାପକ ଓ କର୍ମଚାରୀ, ଦୈନିକ ପର୍ଯ୍ୟବେକ୍ଷକ ଓ ଦ କଳିଙ୍ଗ କ୍ରୋନିକିଲର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ ବନ୍ଧୁ ବାନ୍ଧବ ଏବଂ ବିଶିଷ୍ଟ ବ୍ୟକ୍ତି ମାନେ ତାଙ୍କ ବାସ ଭବନ ରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଯୁକ୍ତ ତିନିରେ ପଢୁଥିବା ଏକ ମାତ୍ର ପୁତ୍ର ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ । ଗ୍ରାମରେ ଶୋକା କୁଳ ପରିବେଶ ସୃଷ୍ଟି ହୋଇଛି ।

# ହୋମ୍ ଭୋଟିଂକୁ ଶତ ପ୍ରତିଶତ ସଫଳ କରିବା ପାଇଁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ଯାଜପୁର,(ପିଏନ):** ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ଲୋକସଭା ଓ ବିଧାନସଭା ନିମନ୍ତେ ଆସନ୍ତା ଜୁନ୍ ୧ ତାରିଖରେ ଯାଜପୁର ଜିଲ୍ଲାରେ ଭୋଟଦାନ ଅନୁଷ୍ଠିତ ହେବ । ୦୮-ଯାଜପୁର (ସଂରକ୍ଷିତ) ଲୋକସଭା ଆସନ ଅନ୍ତର୍ଗତ ୪୮-ବିଂଝାରପୁର (ସଂରକ୍ଷିତ) ବିଧାନସଭା ଆସନ, ୪୯-ବରୀ, ୫୦-ବଡଚଣା ୫୧-ଧର୍ମଶାଳା, ୫୨-ଯାଜପୁର, ୫୩-କୋରେଇ ଏବଂ ୫୪-ସୁକିନ୍ଦା ବିଧାନସଭା ଆସନ ଗୁଡିକରେ ୮୫+ ପିଡବ୍ଲୁଡି ଏବଂ ଏଭିଇଏସ୍ ଭୋଟର ମାନେ ସେମାନଙ୍କର ମତଦାନ ସାବ୍ୟସ୍ତକୁ ତ୍ୱରାନ୍ୱିତ କରି ହୋମ୍ ଭୋଟିଂକୁ ଶତ ପ୍ରତିଶତ ସଫଳ କରିବା ନିମନ୍ତେ ବ୍ୟାପକ ଜନ ସଚେତନତା ଓ ଜନ ଜାଗରଣ ଦିଗରେ ସହଯୋଗ କରିବାକୁ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏଥି ସମ୍ବନ୍ଧୀୟ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ବିସ୍ତୃତ ସୂଚନା ଦେଇ କହିଲେ ଯେ, ଫର୍ମ-୧୨ ଏଭିଇଏସ୍ (ପୋଲିଂ କର୍ମଚାରୀ), ଫର୍ମ-୧୨(ଡି) ୮୫+ବରିଷ୍ଠ ନାଗରିକ (ଏଭିଏସ୍‌ସି), ଦିବ୍ୟାଙ୍ଗ (ଏଭିପିଡି), ଫର୍ମ-୧୨(ଡି) ପୋଲିସ କର୍ମଚାରୀ, ସେକ୍ଟର ଅଫିସର, ମାଇକ୍ରୋ ଅବଜରଭର, ଡ୍ରାଇଭର, ମେଡିକାଲ କର୍ମଚାରୀ ଓ ଷ୍ଟାଟିକ ସର୍ଭେଲାନ୍ସ ଟିମ୍‌କୁ ନେଇ ୪୮-ବିଂଝାରପୁର (ସଂରକ୍ଷିତ) ବିଧାନସଭା ଆସନ ପାଇଁ ୧୧୬୧ ଦରଖାସ୍ତ ମିଳିଥିବା ବେଳେ ୪୯-ବରୀ ପାଇଁ ୧୩୦୮, ୫୦-ବଡଚଣା ପାଇଁ ୧୧୨୨, ୫୧-ଧର୍ମଶାଳା ପାଇଁ ୧୨୨୬, ୫୨-ଯାଜପୁର ପାଇଁ ୧୭୪୬, ୫୩-କୋରେଇ ପାଇଁ ୧୪୫୧ ଏବଂ ୫୪-ସୁକିନ୍ଦା ବିଧାନ ସଭା ଆସନ ନିମନ୍ତେ ୧୧୫୧ ଦରଖାସ୍ତକୁ ନେଇ ମୋଟ ୯୪୬୫ ଦରଖାସ୍ତ ମିଳିଅଛି ବୋଲି ପ୍ରକାଶ କରିଥିଲେ ।

# କଂଗ୍ରେସ ନେତାଙ୍କୁ ନୂତନ ନିଯୁକ୍ତି

**ଭୁବନେଶ୍ୱର (ପିଏନ):** କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ର ଶରତ ପଟ୍ଟନାୟକ କେତେକ କଂଗ୍ରେସ ନେତାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦେଇଛନ୍ତି । କୋଣାର୍କ ଏନ୍.ଏସ୍.ସି.ର ପୂର୍ବତନ କାଉନ୍‌ସିଲର ସୁବାଷ ନାୟକଙ୍କୁ ପିସିସି ସାମାଜିକ ଗଣମାଧ୍ୟମ ବିଭାଗର ସାଧାରଣ ସମ୍ପାଦକ ଭାବରେ ଓ ଗୋପ ବ୍ଲକ ନିର୍ବାଚନ ଇନ୍‌ଚାର୍ଜ ଭାବରେ ନିଯୁକ୍ତି ଦିଆଯାଇଛି । ସେହିପରି ନିମାପଡ଼ା ବ୍ଲକର ଜୟନ୍ତ କୁମାର ବେହେରାଙ୍କୁ ପ୍ରଦେଶ କଂଗ୍ରେସ ମତ୍ସ୍ୟଜୀବି ବିଭାଗର ଉପସଭାପତି ଭାବରେ ଏବଂ ଗୋପ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ରବୀନ୍ଦ୍ରନାଥ ବେହେରାଙ୍କୁ ଗୋପ ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଭାବରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ବରିଷ୍ଠ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ବଡଚଣାରେ ବିଜେପିର ବିଜୟ ସଙ୍କଳ୍ପ ସମାବେଶ



**ଦର୍ପଣ ୨୩/୫(ପି ଏନ ):** ଆଜି ବଡଚଣା ମହୋତ୍ସବ ପଡିଆ ଠାରେ ଭାରତୀୟ ଜନତା ପାର୍ଟି ତରଫରୁ ଏକ ବିଶାଳ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଅଶୋକ ସାମଲ ଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ଦଳର ରାଷ୍ଟ୍ରୀୟ ସଭାପତି ଜେ, ପି, ନଡ୍ଡା ରାଜ୍ୟ ସରକାରଙ୍କ ଉପରେ ଶାଣିତ ଆକ୍ରମଣ କରିଥିଲେ । ଶ୍ରୀ ନଡ୍ଡା ଦଶ ବର୍ଷ ମୋଦୀ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟର ହିସାବ ଦେବାସହ, ପଚିଶ ବର୍ଷ ଧରି ଓଡ଼ିଶାରେ ଚାଲିଥିବା ଭ୍ରଷ୍ଟାଚାର ନବୀନ ସରକାରଙ୍କ ସମାଲୋଚନା କରିଥଲେ । ଉପସ୍ଥିତ କର୍ମୀ ମାନଙ୍କ ଉଛାହ ଦେଖିଆଗାମୀ ନିର୍ବାଚନରେ ଓଡ଼ିଶାରେ ବିଜେପି ସରକାର ହେବ ବୋଲି କହିଥିଲେ । ଓଡ଼ିଶାରେ ଦୁଇ ପ୍ରକାର ଶାସନ ଚାଲିଛି ତୃଷ୍ଟି କରଣ ରାଜନୀତି ଓ ସନ୍ତୁଷ୍ଟି କରଣ ରାଜନୀତି । ଓଡ଼ିଶାରେ ଧର୍ମ, ଜାତି ଓ ସମ୍ପ୍ରଦାୟ ନାମରେ ରାଜନୀତି ଚାଲିଛି । ମୋଦୀ ସରକାର, ଦେଶରେ କୃଷକ କଲ୍ୟାଣ ଯୋଜନା ରେ କୃଷକ ମାନଙ୍କ ଆର୍ଥିକ ବ୍ୟବସ୍ଥା ର ଉନ୍ନତି ହୋଇଛି । ଦେଶରେ ଅଶି ହଜାର ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି । ବର୍ତ୍ତମାନ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ବ୍ୟବସ୍ଥା । ଓଡ଼ିଶାରେ ଚାଲୁଥିବା ତାମିଲ ବାବୁଙ୍କ ଶାସନକୁ ଆଗାମୀ ଦିନରେ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ । ଓଡ଼ିଶାର ଅସ୍ମିତା ବିପଦରେ ।ଓଡ଼ିଶାର ପୁଅ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ।ଓଡ଼ିଶାର ବିଧାୟକ ଓ ସାଂସଦ ମାନେ ତଳେ ବସିବେ ତାମିଲ ବାବୁ ଉପରେ ବସିବେ । ଏହାକୁ ଆଉ ଓଡ଼ିଶାବାସୀ ସହିବେ ନାହିଁ । ଆଗାମୀଦିନରେ ଏହାର ଉପଯୁକ୍ତ ଜବାବ ଦେବେବୋଲି ଶ୍ରୀ ନଡ୍ଡା କହିବା ସହିତ ରଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥଲେ । ଏହି ସବମାବେଶରେ ରାଜ୍ୟ ସଂଯୋଜକ ଯତୀନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂସଦ ପ୍ରାର୍ଥୀ ରବି ନାରାୟଣ ବେହେରା, ବଡଚଣା ବିଧାନ ସଭା ପ୍ରାର୍ଥୀ ଅମର ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ଜିଲ୍ଲା ସଂଯୋଜୀକା ସିପ୍ରା ବାଜପେୟୀ, ଜିଲ୍ଲା ସଂଯୋଜକ କାହ୍ନୁଁ ଚରଣ ଦାସ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପାଣ୍ଡବ ଚରଣ ଧଳ, ଜିଲ୍ଲା ସମ୍ପାଦିକା ଦେବଯାନୀ ପ୍ରଧାନ ଉଦବୋଧନ ଦେଇ ଥିଲେ । ପବିତ୍ର ରାଉତ, ପ୍ରିତମ ନାୟକ, ବିଶ୍ୱବିଜୟୀ ବ୍ରହ୍ମ, ଦୀପକ ସାହୁ, ଅଶୋକ ନାୟକ, ଜଗନ୍ନାଥ ଖଣ୍ଡାଇ, ଅଞ୍ଜୁଲତକ୍ଷ ସ୍ୱାଇଁ, କବିତା ଜେନା , ମଣ୍ଡଳ ସଭପତି ବେଣୁଧର ବିଶ୍ୱାଳ, ଲଲାଟେନ୍ଦୁ ମହାପାତ୍ର, ବିକାଶ ମହାପାତ୍ର, ସୀତା ନାଥ ବଳ ସାମନ୍ତ, ପ୍ରଦୀପ୍ତ ସାମଲ ଲିକୁନା ସାମଲ ହେମେଶ ଜେନା, ପ୍ରମୁଖ ନଡ୍ଡାଙ୍କୁ ସ୍ୱାଗତ କରିଥଲେ । ଶେଷରେ ଜିଲ୍ଲା ସମ୍ପାଦକ ପ୍ରମୋଦ ଜେନା ଧନ୍ୟବାଦ୍ ପ୍ରଦାନ କରିଥଲେ ।

## ବାଜିରାଓ ଏକାଡ଼େମୀର "ଟକ୍ ଟୁ ଟପ୍ପର-୨୦୨୩"

# ଶେଷ ସୁଯୋଗ ଭାବି ପଢ଼ନ୍ତୁ : ଅନିମେଶ





**ଭୁବନେଶ୍ୱର,(ପିଏନ):** ବାଜିରାଓ ଆଇଏଏସ୍ ଏକାଡ଼େମୀ ପକ୍ଷରୁ ଗୁରୁବାର 'ଟକ୍ ଟୁ ଆଇଏଏସ୍ ଟପ୍ପର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସର୍ବଭାରତୀୟ ପ୍ରଶାସନିକ ସେବା-୨୦୨୩ରେ ଦ୍ୱିତୀୟ ସ୍ଥାନରେ ଥିବା ଓଡ଼ିଶାର ଅନିମେଶ ପ୍ରଧାନଙ୍କ ସହ ଆଲୋଚନା କରିବା ପାଇଁ ୟୁପିଏସ୍‌ସି ଆଶାୟୀମାନେ ସୁଯୋଗ ପାଇଥିଲେ । ଜଣେ ୟୁପିଏସ୍‌ସି ଆଶାୟୀ ଦିଲ୍ଲୀରେ ରୁହନ୍ତୁ କି ନିଜ ଜନ୍ମ ମାଟିରେ, ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ପାଠପଢ଼ା ପ୍ରତି କେତେ ଉତ୍ସର୍ଗୀକୃତ, କେତେ ପରିଶ୍ରମ କରୁଛନ୍ତି, ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଅନିମେଶ କହିଛନ୍ତି । ପାଠପଢ଼ାରେ ଟେକ୍ନୋଲୋଜି ବର୍ତ୍ତମାନ ବହୁଳ ଭାବେ ଉପଯୋଗୀ ହୋଇପାରୁଛି । ଏହାର ସକାରାତ୍ମକ ବ୍ୟବହାର ଜରୁରୀ । ପିଲାମାନେ କୌଣସି ଗୋଟିଏ ଉପାୟକୁ ଅଧ୍ୟୟନ ସମୟରେ ନ ଆପଣାଇ ନିଜକୁ ସୁହାଇଲା ଭଳି ଉପାୟ ବାହାର କରିବା ଉଚିତ । କିପରି ପଢ଼ିଲେ ଅଳ୍ପ ସମୟରେ ଅଧିକ ପାଠ ମନେରହୁଛି, ତାହା ନିଜେ ନିଜକୁ ପରଖିବା ଉଚିତ । ପାଠ ମନେ ରଖିବା, ପାଠକୁ ବୁଝିବା ମହତ୍ତ୍ୱପୂର୍ଣ୍ଣ । ଆଶାୟୀମାନେ ପାଉଥିବା ଷ୍ଟଡି ମ୍ୟାଟେରିଆଲ ମଧ୍ୟରୁ କେଉଁଗୁଡ଼ିକ ପରୀକ୍ଷା ଉପଯୋଗୀ ତାହା ବାଛିବା ଦାୟିତ୍ୱ ମଧ୍ୟ ପିଲାଙ୍କର । ପଢ଼ିବା ସମୟରେ କୌଣସି ବିଷୟବସ୍ତୁ ଅବୁଝା ଲାଗିଲେ ତୁରନ୍ତ ମୋବାଇଲ୍ ଫୋନ୍‌ରେ ଉତ୍ତର ଖୋଜିବା ଉଚିତ ନୁହେଁ, ବରଂ ଅବୁଝା ବିଷୟ ବା ଶବ୍ଦକୁ ଲେଖି ରଖି ପରବର୍ତ୍ତୀ ସମୟରେ ତାହାକୁ ବିସ୍ତୃତ ଭାବେ ପଢ଼ିନେବା ଉଚିତ ବୋଲି ଅନିମେଶ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେ ନିଜର ସଫଳତା ପଛରେ ରହିଥିବା ସଂଘର୍ଷ ସମ୍ପର୍କରେ କହିଥିଲେ । ମାଆଙ୍କର କ୍ୟାନ୍‌ସର ଚିକିତ୍ସା ଭିତରେ ସମୟ ବାହାର କରି ପାଠ ପଢ଼ିବା ଏବଂ ରେଜଲ୍ଟ ବାହାରିବାର ଠିକ୍ ଏକମାସ ପୂର୍ବରୁ ମାଆଙ୍କ ଦେହାନ୍ତ ତାଙ୍କ ପାଇଁ ସବୁଠୁ କଠିନ ସମୟ ଥିଲା । ଏ ପରିସ୍ଥିତିରେ ସେ କିପରି ପାଠପଢ଼ାକୁ ଆଗେଇ ନେଇଥିଲେ ସେନେଇ ବିସ୍ତୃତ ଭାବରେ ଆଲୋଚନା କରି ଉପସ୍ଥିତ ଆଶାୟୀଙ୍କୁ ଉତ୍ସାହିତ କରିଥିଲେ ।

# ପ୍ରଚାରରେ କଂଗ୍ରେସ ପ୍ରାର୍ଥୀ ବିଶ୍ୱ ଭୂଷଣଙ୍କ ଧର୍ମପତ୍ନୀ ଶ୍ରାବଣୀ ନଈଗୁଆଁ ପଞ୍ଚାୟତରେ ଘର ଘର ବୁଲି ଭୋଟରଙ୍କୁ ଭେଟିଲେ



**ଭୁବନେଶ୍ୱର,୨୨।୫(ପି. ଏନ୍) :** ରାଜ୍ୟ ରାଜନୀତିରେ ଚର୍ଚ୍ଚାରେ ରହିଆସୁଥିବା କାକଟପୁର ନିର୍ବାଚନ ମଣ୍ଡଳୀରେ ଚଳିତ ସାଧାରଣ ନିର୍ବାଚନରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି ।ବିଜେଡିରୁ ତୁଷାରକାନ୍ତି ବେହେରା,ବିଜେପିରୁ ବାଇଧର ମଲ୍ଲିକ ଓ କଂଗ୍ରେସରୁ ବିଶ୍ୱଭୂଷଣ ଦାସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି ।ମତଦାନ ଦିନ ପାଖେଇ ଆସୁଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସଙ୍କ ଧର୍ମପତ୍ନୀ ଶ୍ରାବଣୀ ଦାସ ଏବେ ପ୍ରଚାର ମୈଦାନରେ ଯୋଡି ହୋଇଛନ୍ତି।ସେ ଆଜି ନଈଗୁଆଁର ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ,ଯୁବନେତା ପ୍ରତାପ ଖୁଣ୍ଟିଆ,ବିଭିନ୍ନ ୱାର୍ଡର ସଭ୍ୟ ଓ କଂଗ୍ରେସ କର୍ମୀଙ୍କ ସହ ପ୍ରଚାରକୁ ଓହ୍ଲାଇବା ଦେଖିବାକୁ ମିଳିଥିଲା ।ଗୋଟିଏ ପଟେ ବିଶ୍ୱଭୂଷଣ ଦାସ ଭୋଟରଙ୍କୁ ଭେଟି କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଦେଖାଇଛନ୍ତି ।ଅନ୍ୟପଟେ ଧର୍ମପତ୍ନୀ ଶ୍ରାବଣୀ ଓସ୍ତପୁର ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରୁ ବାହାରି ନଈଗୁଆଁ,ଓସ୍ତପୁର,ଖଣ୍ଡାସାହି ଓ ବିନାୟକପୁର ପ୍ରମୁଖ ଗାଁ ଗଣ୍ଡାକୁ ଯାଇ ଘର ଘର ବୁଲି ଭୋଟରଙ୍କୁ ଭେଟିବା ସମେତ ନିଜ ସ୍ୱାମୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ ।



# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday May 25, 2024 ଭୁବନେଶ୍ୱର, ଶନିବାର, ମଇ ୨୫, ୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଅବସର ଖବରକୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କଲେ ଶିଖର



**ନୂଆଦିଲ୍ଲୀ,୨୪।୫:** ନିକଟରେ ଦୀନେଶ କାର୍ତ୍ତିକ କ୍ରିକେଟକୁ ବିଦାୟ ଦେଇଛନ୍ତି। ଏଥି ସହିତ, ଶିଖର ଧୱନଙ୍କ ସହ ଜଡିତ ବଡ ଖବର ଏବେ ସାମ୍ନାକୁ ଆସୁଛି। ସୂଚ୍‌ନାଯୋଗ୍ୟ, ଶିଖର ଧୱନଙ୍କ ଅବସର ନେଇ ନିରନ୍ତର କଳ୍ପନାଜଳ୍ପନା ଚ୍ାଲିଥିଲା। ବିଶ୍ୱାସ କରାଯାଉଥିଲା ଯେ ଦୀନେଶ କାର୍ତ୍ତିକଙ୍କ ଅବସର ପରେ ଶିଖର ଧୱନ ଖୁବ ଶୀଘ୍ର କ୍ରିକେଟକୁ ବିଦାୟ ଦେବାକୁ ଯାଉଛନ୍ତି। କିନ୍ତୁ ଶିଖର ଧାୱନ ପ୍ରକୃତରେ କ୍ରିକେଟକୁ ବିଦାୟ ଦେବାକୁ ଯାଉଛନ୍ତି କି ? ଏହି ପ୍ରଶ୍ନର ଉତ୍ତର ନିଜେ ଶିଖର ଧୱନ ଦେଇଛନ୍ତି। ସେ କହିଛନ୍ତି ଯେ ବୋଧହୁଏ ସେ ଆସନ୍ତା କିଛି ବର୍ଷ ମଧ୍ୟରେ କ୍ରିକେଟରୁ ବିଦାୟ ନେବେ। ଅର୍ଥାତ୍ ଏହି ସମୟରେ ଶିଖର ଧାୱନ ତାଙ୍କ ଅବସର ଖବରକୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ। ଶିଖର ଧୱନ କହିଛନ୍ତି ଯେ ମୁଁ ପରିବର୍ତ୍ତନର ଏକ ପର୍ଯ୍ୟାୟ ଦେଇ ଗତି କରୁଛି, ଯେଉଁଠାରେ ମୋର କ୍ରିକେଟ କ୍ୟାରିୟର ବନ୍ଦ ହୋଇଯିବ ଏବଂ ମୋର ଲାଇଫର ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ। ଖେଳିବାକୁ ଆପଣଙ୍କର ଏକ ନିର୍ଦ୍ଦିଷ୍ଟ ବୟସ ଅଛି, ଏହା ମୋ ପାଇଁ ୧ ବର୍ଷ, ୨ ବର୍ଷ କିମ୍ବା ତଣତ ହୋଇପାରେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୁର୍ଭାଗ୍ୟବଶତଃ ମୁଁ ଚ୍ଳିତ ସିଜନରେ ଆଇପିଏଲରେ ବହୁତ କମ ମ୍ୟାଚ୍ ଖେଳିବାରେ ସକ୍ଷମ ହୋଇଛି, ପୁନରୁଦ୍ଧାର ପାଇଁ ସମୟ ଲାଗେ.. ମୁଁ ତଥାପି ସୁସ୍ଥ ଅଛି, ମୁଁ ସମ୍ପୂର୍ଣ୍ଣ ଫିଟ ନୁହେଁ। ବାସ୍ତବରେ ଶିଖର ଧୱନ ଏହି ସିଜନରେ ଆଇପିଏଲରେ ମାତ୍ର ୫ଟି ମ୍ୟାଚ୍ ଖେଳିପାରନ୍ତି । ଶିଖ ଧୱନଙ୍କ ଅନୁପସ୍ଥିତିରେ ସାମ କୁରାନ ପଞ୍ଜାବ କିଙ୍ଗ୍‌କୁ ଅଧିନାୟକ କରିଥିଲେ।

ସୂଚ୍‌ନାଯୋଗ୍ୟ, ଶିଖର ଧୱନ ଦୀର୍ଘ ଦିନ ଧରି ଭାରତୀୟ ଦଳର ଅଂଶ ହୋଇନଥିଲେ। ସେ ଶେଷ ଥର ପାଇଁ ୨୦୨୨ରେ ବାଂଲାଦେଶ ବିପକ୍ଷରେ ଟିମ ଇଣ୍ଡିଆ ପାଇଁ ଖେଳିଥିଲେ। ଏହା ପରେ ଶୁବମନ ଗିଲ ଭାରତୀୟ ଦଳ ପାଇଁ ରୋହିତ ଶର୍ମାଙ୍କ ସହ ଓପନର୍ ଭୂମିକାରେ ଅଭିନୟ କରୁଛନ୍ତି। ଏଥିସହ ସେ ଆଇପିଏଲରେ ଆଘାତ ସହ ବ୍ୟାଟିଂ କରୁଛନ୍ତି। ଏହା ବ୍ୟତୀତ, ପ୍ରଦର୍ଶନ ଆଶା ଅନୁଯାୟୀ ହୋଇନାହିଁ ।

## ଅବସର କଥା ଧୋନି ହିଁ କହିପାରିବେ : ସିଏସକେ ସିଇଓ



**ନୂଆଦିଲ୍ଲୀ,୨୪।୫:** ଆଇପିଏଲ ୨୦୨୪ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ର ଯାତ୍ରା ଶେଷ ହୋଇଛି। ସିଏସକେକୁ ସେମାନଙ୍କର ଶେଷ ଲିଗ ମ୍ୟାଚ୍‌ରେ ଆରସିବି ହାତରେ ପରାଜୟର ସମ୍ମୁଖୀନ ହେବାକୁ ପଡିଲା। ଏହି ମ୍ୟାଚ୍‌ରେ ବିଜୟ ସହିତ ଆରସିବି ଦଳ ପ୍ଲେ ଅଫ ପାଇଁ ଟିକେଟ ପାଇଲା।

ଏଥି ସହିତ ମ୍ୟାଚ୍‌ରେ ପରାଜୟ ପରେ ଏମଏସ ଧୋନିଙ୍କ ଅବସର ନେଇ ଆଲୋଚ୍‌ନା ଜୋର ଧରିଥିଲା। ଏହା ଧୋନିଙ୍କର ଶେଷ ଆଇପିଏଲ ସିଜନ ବାଲି ବିଶ୍ୱାସ କରାଯାଉଥିଲା, କିନ୍ତୁ ଏହି ସମୟରେ ସିଏସକେ ସିଇଓ କାଶୀ ବିଶ୍ୱନାଥ ଧୋନିଙ୍କ ଭବିଷ୍ୟତ ଯୋଜନାକୁ ନେଇ ବଡ ଅପଡେଟ ଦେଇଛନ୍ତି।ସୂଚ୍‌ନାଯୋଗ୍ୟ, ଆଇପିଏଲ ର ୧୭ତମ ସିଜନ ଆରମ୍ଭ ପୂର୍ବରୁ, ଏମ.ଏସ ଧୋନି ସିଏସକେର ଅଧିନାୟକତ୍ୱ ଛାଡିଥିଲେ। ତାଙ୍କ ସ୍ଥାନରେ ରୁତୁରାଜ ଗାଇକଓ୍ୱାଡଙ୍କୁ ସିଏସକେର ଅଧିନାୟକ କରାଯାଇଥିଲା। ରୁତରାଜ ଗାୟକଓ୍ୱାର୍ଡଙ୍କ ଅଧିନାୟକତ୍ୱରେ ସିଏସକେ ଦଳ ପ୍ଲେ ଅଫରେ ପହଞ୍ଚି ପାରି ନଥିଲା। ସେମାନଙ୍କର ଶେଷ ଲିଗ ମ୍ୟାଚ୍ ରେ, ସିଏସକେ ଆରସିବିକୁ ହରାଇଲା ଏବଂ ସିଏସକେର ଟୁର୍ନାମେଣ୍ଟ ଯାତ୍ରା ଶେଷ ହେଲା।

ଏହି ସମୟରେ ଧୋନିଙ୍କ ଶେଷ ଆଇପିଏଲ ମ୍ୟାଚ୍ ବିଷୟରେ ଅନେକ ଆଲୋଚ୍‌ନା ହୋଇଥିଲା। ସୋସିଆଲ ମିଡିଆରେ ପ୍ରଶଂସକମାନେ ଅତ୍ୟନ୍ତ ଭାବପ୍ରବଣ ଦେଖାଯାଉଥିଲେ। ତେବେ ମାହି ଏପର୍ଯ୍ୟନ୍ତ ଏ ବିଷୟରେ କୌଣସି ଅଫିସିଆଲ ଇନଫରମେଶନ ଦେଇନାହାଁନ୍ତି, କିନ୍ତୁ ସିଏସକେ ଏହାର ୟୁଟ୍ୟୁବ ଚ୍ୟାନେଲରେ ସିଇଓ କାଶୀ ବିଶ୍ୱନାଥନଙ୍କ ଏକ ସାକ୍ଷାତକାର ଶେୟାର କରିଛନ୍ତି, ଯେଉଁଥିରେ ସେ ଧୋନିଙ୍କ ଅବସର ବିଷୟରେ କହୁଛନ୍ତି। ସେ କହିଛନ୍ତି ଅବସର ବିଷୟରେ ଧୋନି ହିଁ ଠିକ୍ କଥା କହିପାରିବେ।

## କାର୍ତ୍ତିକ କେବେ ହାର ମାନି ନ ଥିଲେ : ଦୀପିକା ପାଲିକଲ

**ନୂଆଦିଲ୍ଲୀ,୨୪।୫:** ଚ୍ାରିଥର କମନଓ୍ୱେଲଥ ଗେମ୍ସରେ ପଦକ ଜିତିଥିବା ଦୀପିକା ପାଲିକଲ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଉଇକେଟ କିପର-ବ୍ୟାଟ୍ସମ୍ୟାନ ତଥା ତାଙ୍କ ସ୍ୱାମୀ ଦୀନେଶ କାର୍ତ୍ତିକଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, କାର୍ତ୍ତିକ ତାଙ୍କ କ୍ୟାରିଅର୍ ସମୟରେ ଅନେକ ଉତ୍‌ଥାନର ସମ୍ମୁଖୀନ ହୋଇଥିଲେ। ତଥାପି ସେ କେବେ ହାର ମାନି ନ ଥିଲେ। ସେ ଦୃଢ ଭାବରେ ଠିଆ ହୋଇଥିଲେ। ତାଙ୍କର ଏହି ଗୁଣ ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି। ୨୦୧୫ରେ, ଦୁହେଁ ଦୀର୍ଘ ସମୟ ଧରି ପରସ୍ପରକୁ ଡେଟ କରିବା ପରେ ବିବାହ କରିଥିଲେ। ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିବା କାର୍ତ୍ତିକ ଭାରତୀୟ ଦଳରେ ନିଜ ସ୍ଥାନକୁ କେବେ ବି ପକ୍କା କରିପାରିବେ ନାହିଁ। ଉଇକେଟ କିପର ଭାବରେ ଦଳର ପରିଚ୍ାଳନା ପ୍ରଥମ ପସନ୍ଦ ଥିଲା ମହେନ୍ଦ୍ର ସିଂ ଧୋନୀ। ଏହା ସତ୍ତ୍ୱେ କାର୍ତ୍ତିକ ପରାଜୟ ଗ୍ରହଣ କରିବା ପରିବର୍ତ୍ତେ ଫେରି ଆସି ଟି-୨୦ ବିଶ୍ୱକପ ୨୦୨୨ ଏବଂ ଦିନିକିଆ ବିଶ୍ୱକପ ୨୦୨୩ ଖେଳିଥିଲେ। ଦୀପିକା କହିଛନ୍ତି ଯେ, ଯଦି ସେ କାର୍ତ୍ତିକଙ୍କ ସ୍ଥାନରେ ଅନ୍ୟ କେହି ଥାଆନ୍ତେ ତେବେ ସେ ଏହି ପରିସ୍ଥିତିରେ ହାର ମାନି ଯାଇଥାନ୍ତେ।

## କମ୍ବୋଡିଆରୁ ଫେରିଲେ ୬୦ ଭାରତୀୟ ଯୁବକ



**ନୂଆଦିଲ୍ଲୀ :** ମୋଟା ଅଙ୍କର ଦରମା ଆଶାରେ କମ୍ବୋଡିଆ ଯାଇ ଫସିଥିବା ୬୦ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। କମ୍ବୋଡିଆରେ ଥିବା ଭାରତୀୟ ଦୂତାବାସ ସହଯୋଗରେ ସେମାନେ ସୁରକ୍ଷିତ ଭାବେ ଦେଶକୁ ଫେରି ଆସିଛନ୍ତି। ମୋଟା ଅଙ୍କର ଦରମାର ଲୋଭ ଦେଖାଇ ଚ୍ାକିରି ନିମନ୍ତେ ଉକ୍ତ ଯୁବକମାନଙ୍କୁ କିଛି ଏଜେଣ୍ଟ କମ୍ବୋଡିଆ ନେଇ ଯାଇଥିଲେ। ମାତ୍ର ସେଠାରେ ପହଞ୍ଚି ସେମାନେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏଥିସହ ଫେରିବା ନିମନ୍ତେ ଭାରତୀୟ ଦୂତାବାସର ସାହାଯ୍ୟ ଲୋଡିଥିଲେ। ଭାରତୀୟ ଦୂତାବାସ ପକ୍ଷରୁ ସ୍ଥାନୀୟ ପ୍ରଶାସନ ସହାୟତାରେ ଉକ୍ତ ଯୁବକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଦେଶକୁ ପଠାଇ ଦିଆଯାଇଛି। ଏଥିସହ ବିଦେଶରେ ଚ୍ାକିରି ଆଶାରେ ଥିବା ଭାରତୀୟଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଆଡଭାଇଜରୀ ଜାରି କରାଯାଇଛି। ଏହି ଆଡଭାଇଜରୀ ଅନୁଯାୟୀ, ଅନ୍ୟ ଦେଶରେ ଚ୍ାକିରି କରିବା ନିମନ୍ତେ ଇଚ୍ଛୁକ ଥିଲେ କେବଳ ବିଦେଶ ମନ୍ତ୍ରାଳୟ ଦ୍ୱାରା ସ୍ୱିକୃତୀପ୍ରାପ୍ତ ଏଜେଣ୍ଟଙ୍କ ସହ ଯୋଗାଯୋଗ କରନ୍ତୁ। ଏଥିସହ ଭବିଷ୍ୟତରେ ଟୁରିଷ୍ଟ ଭିସାରେ ଚ୍ାକିରି ନିମନ୍ତେ ନ ଯିବାରୁ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତୀୟ ଦୂତାବାସ ପକ୍ଷରୁ ସୋଶାଲ ମିଡିଆରେ ହୋଇଥିବା ପୋଷ୍ଟରେ କୁହାଯାଇଛି, ସବୁବେଳେ ବିଦେଶରେ ଫସିଥିବା ଭାରତୀୟଙ୍କୁ ସାହାଯ୍ୟ କରିବାକୁ ପ୍ରତିବଦ୍ଧ । କମ୍ବୋଡିଆରୁ ଉଦ୍ଧାର କରାଯାଇଥିବା ୬୦ ଭାରତୀୟଙ୍କୁ ଘରକୁ ପଠାଇ ଦିଆଯାଇଛି।

## ପ୍ରଫେସର ଶରଣଜିତ୍ ସିଂହ କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି



**ଭୁବନେଶ୍ୱର,୨୪।୫(ପିଏନ):** କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଶରଣଜିତ ସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି। କୁଳପତି ଚୟନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୁଳପତି ଚୟନ ପାଇଁ ବିଭିନ୍ନ ପ୍ରକ୍ରିୟା ଅନୁସରଣ ସହ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରଫେସର ସିଂହଙ୍କ ନାମ କୁଳାଧିପତି ଅଶୋକ ପରିଜାଙ୍କ ନିକଟକୁ ପଠାଯାଇଥିଲା। ଶିକ୍ଷାଦାନ ଓ ପ୍ରଶାସନିକ ଅଭିଜ୍ଞତା ସମେତ ଅନ୍ୟାନ୍ୟ ଦିଗକୁ ବିଚାରକୁ ନେଇ କୁଳାଧିପତି ଶ୍ରୀ ପରିଜା ପ୍ରଫେସର ସିଂହଙ୍କୁ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦେଇଥିଲେ। ପ୍ରଫେସର ସିଂହ ହେଉଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ୧୧ତମ କୁଳପତି। କିଟ୍ ବିଶ୍ୱବିଦ୍ୟାଳୟ ଆରମ୍ଭରୁ ଏହାର କୁଳପତି ଭାବେ ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ କାର୍ଯ୍ୟ କରିଛନ୍ତି। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଫେସର ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଫେସର ଶରଣଜିତ୍ ସିଂହଙ୍କ ନେତୃତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ଆଗକୁ ଆହୁରି ସଫଳତା ହାସଲ କରିବ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି।

## ରୈସିଙ୍କ ମୃତ୍ୟୁର ତଦନ୍ତ ରିପୋର୍ଟ ଜାରି କଲା ଇରାନ



**ତେହରାନ:** ହେଲିକପ୍ଟର ଦୁର୍ଘଟଣାରେ ଇରାନ ରାଷ୍ଟ୍ରପତି ଇବ୍ରାହିମ ରୈସିଙ୍କ ମୃତ୍ୟୁର ତଦନ୍ତ ରିପୋର୍ଟ ଜାରି କରାଯାଇଛି। ଇରାନ ସେନା ପକ୍ଷରୁ ଜାରି ହୋଇଥିବା ପ୍ରାଥମିକ ତଦନ୍ତ ରିପୋର୍ଟରେ କୌଣସି ପ୍ରକାର ସନ୍ଦିଗ୍ଧ କାର୍ଯ୍ୟ ହୋଇ ନ ଥିବା କୁହାଯାଇଛି । ରିପୋର୍ଟରେ ଦର୍ଶାଯାଇଛି ଯେ, ପୂର୍ବ ନିର୍ଦ୍ଧାରିତ ରୁଟ୍‌ରେ ହେଲିକପ୍ଟରଟି ଯାତ୍ରା କରିଥିଲା। ଯାତ୍ରା ସମୟରେ ହେଲିକପ୍ଟର ଏହାର ରୁଟ୍‌ରୁ ବାହାରକୁ ଯାଇ ନ ଥିଲା। ହେଲିକପ୍ଟରରେ ଥିବା କର୍ମଚ୍ାରୀ ଏବଂ ଓ୍ୱାଚ୍‌ଟାଓ୍ୱାର କର୍ମଚ୍ାରୀଙ୍କ ମଧ୍ୟରେ ବାର୍ତ୍ତାଳାପ। ଏହି କଥାବାର୍ତ୍ତାରେ କୌଣସି ପ୍ରକାର ସନ୍ଦିଗ୍ଧ ଆଲୋଚ୍‌ନା ହୋଇ ନ ଥିବା ସ୍ପଷ୍ଟ ହୋଇଛି। ଦୁର୍ଘଟଣାର ଦେଢ ମିନିଟ ପୂର୍ବରୁ ପାଇଲଟ୍ ସେହିପରି ହେଲିକପ୍ଟରର ଭଗ୍ନାବଶେଷରୁ ବୁଲେଟ୍ ମିଳିନାହିଁ। ଦୁର୍ଘଟଣା ପୂର୍ବରୁ ପାଇଲଟ୍ ଅନ୍ୟ ଦୁଇଟି ହେଲିକପ୍ଟରର ପାଇଲଟ୍‌ଙ୍କ ସହିତ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସଫଳ ହୋଇ ନ ଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674) 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray